ଟିପ୍ପଣୀ

# ଏକକ-୩: ଭାଷା ଶିକ୍ଷଣ ଓ ଶିକ୍ଷାଦାନ

ସଂରଚନା


୩.୦ ଉପକ୍ରମ

୩.୧ ଶିକ୍ଷଣ ଉଦ୍ଦେଶ୍ୟ

୩.୨ ପ୍ରଥମ ଭାଷା ଆହରଣ

  ୩.୨.୧ ଭାଷା ଆହରଣ ପାଇଁ ମଣିଷର ଶାରୀରିକ ଉପଯୋଜନ

  ୩.୨.୨ ପରିବେଶର ଭୂମିକା

  ୩.୨.୩ ଭାଷା ଆହରଣର ପର୍ଯ୍ୟାୟ

୩.୩ ଦ୍ୱିତୀୟ ଭାଷା ଆହରଣ / ଶିକ୍ଷଣ

  ୩.୩.୧ ପ୍ରଥମ ଭାଷାପରି ଦ୍ୱିତୀୟ ଭାଷା ଆହରଣ ହୋଇପାରିବ କି ?

  ୩.୩.୨ ପିଲାମାନଙ୍କୁ ସେମାନଙ୍କ ଦ୍ୱିତୀୟଭାଗ ଆହରଣରେ ଆମେ ସାହାଯ୍ୟ କରିପାରିବା କି ?

  ୩.୩.୩ ଦ୍ୱିତୀୟ ଭାଷାରେ ଦକ୍ଷତା ବିକାଶ ନିମିତ୍ତ ଶିକ୍ଷଣର କ'ଣ ଭୂମିକା ରହିଛି ?

  ୩.୩.୪ ଦ୍ୱିତୀୟ ଶିକ୍ଷଣରେ ପ୍ରଥମ ଭାଷା ହସ୍ତକ୍ଷେପ କରେ କି ?

୩.୪ ଭାଷା ଶିକ୍ଷାଦାନ ପଦ୍ଧତି

  ୩.୪.୧ ବ୍ୟାକରଣ ଅନୁବାଦ ପଦ୍ଧତି (Grammer Translation Method )

  ୩.୪.୨ ପ୍ରତ୍ୟେକ୍ଷ ପଦ୍ଧତି (Direct Method )

  ୩.୪.୩ ଶୁଣିକରି ଭାଷା ଶିକ୍ଷା କରିବା(Audio Lingual Method)

  ୩.୪.୪ ଯୋଗାଯୋଗ ପଦ୍ଧତି (Commuinicative Method)

  ୩.୪.୫ ସ୍ୱାଭାବିକ ପନ୍ଥା (Natural Approach)

୩.୫ ସାରାଂଶ

୩.୬ ସହାୟକ ଗ୍ରନ୍ଥ ଓ ପ୍ରବନ୍ଧସୂଚୀ

୩.୭ ପାଠାନ୍ତ ପ୍ରଶ୍ନାବଳୀ


## ୩.୦ ଉପକ୍ରମ

ପିଲାମାନେ ଭାଷା ଆହରଣ କରନ୍ତି କିପରି ? ଏହିଭଳି ଏକ ମୌଳିକ ପ୍ରଶ୍ନରୁ ଏକକଟିର ଆରମ୍ଭ କରାଯାଇଛି । ପିଲାମାନେ ଘରେ ଆହରଣ କରୁଥିବା ଭାଷା ଅର୍ଜନ ପ୍ରଥମ ଭାଷା ପାଇଁ ଏହି ପ୍ରଶ୍ନଟି ଉଦ୍ଦିଷ୍ଟ । ପରବର୍ତ୍ତୀ ସ୍ତରରେ ଏହି ଏକକରେ ଦ୍ୱିତୀୟ ଭାଷାର ଦକ୍ଷତା ବିକାଶ କିପରି ପ୍ରଥମ ଭାଷା ସହ ସମାନ ସେ ସମ୍ପର୍କରେ ଆଲୋଚନା କରାଯାଇଅଛି । ପ୍ରଥମ ଭାଷାର ହସ୍ତକ୍ଷେପ ଯୋଗୁଁ ଦ୍ୱିତୀୟ ଭାଷାରେ ଅନେକ ତ୍ରୁଟି ହୋଇଥାଏ । ଏହି ପ୍ରକାର ଦାବି ବିରୋଧରେ ଥିବା ପ୍ରମାଣ ସବୁର ଆଲୋଚନା ମଧ୍ୟ ଏଥିରେ କରାଯାଇଛି । ବହୁକାଳରୁ ବ୍ୟବହାର ହେଉଥିବା ଦ୍ୱିତୀୟ ଭାଷା ଶିକ୍ଷାଦାନର ପଦ୍ଧତି ଓ ପନ୍ଥା

ସମ୍ପର୍କରେ ଆଲୋଚନା କରାଯାଇଛି । ଏଥିସହ ଶେଷରେ ପିଲାର ଭାଷା ଆହରଣର ପ୍ରାୟ ଏକ ଉପଯୁକ୍ତ ପଦ୍ଧତି ସମ୍ପର୍କରେ ଆଲୋଚନା ହୋଇଛି ।

## ୩.୧ ଶିକ୍ଷଣ ଉଦ୍ଦେଶ୍ୟ

ପିଲାମାନେ ସେମାନଙ୍କର ପ୍ରଥମ ଭାଷା ସବୁ କିପରି ଆହରଣ କରନ୍ତି ?

୧. ପ୍ରଥମ ଭାଷା ଆହରଣ ଓ ଦ୍ୱିତୀୟ ଭାଷା ଶିକ୍ଷଣ ମଧ୍ୟରେ କ'ଣ ସମ୍ପର୍କ ରହିଛି ?

୨. ଶ୍ରେଣୀରେ ଭାଷା କିପରି ଶିଖା ଯିବା ଉଚିତ ?

## ୩.୨ ପ୍ରଥମ ଭାଷା ଆହରଣ

ଜେନି ନାମକ ଗୋଟିଏ ଝିଅ ୧୯୭୦ ମସିହାରେ କାଲିଫର୍ଣ୍ଣିଆ ରାଜ୍ୟର ଏକ ଶିଶୁ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲା । ସେହି ସମୟରେ ସେ ୧୩ ଦିନର ହୋଇଥିଲା ଓ ତାକୁ ୨୦ ମାସ ହେବା ପର୍ଯ୍ୟନ୍ତ ଗୋଟିଏ ଛୋଟିଆ କୋଠରୀରେ ସେ ଆବଦ୍ଧ ହୋଇରହିଥିଲା । ସେହି ଘରେ ଥିବା ସମୟରେ ତାର ଖେଳନା ଚେୟାର ବା ଘର ତିଆରି ଶୋଇବା ବ୍ୟାଗରେ ଜାଲ ଦ୍ୱାରା ଆଚ୍ଛାଦିତ ଥାକରେ ତାକୁ ବାନ୍ଧି ଦିଆଯାଉଥିଲା । ଟିଭି ବା ରେଡିଓ ସହ ତାର ସମ୍ପର୍କ ନଥିଲା ଓ ତାର ମା ଯେ'କି ସବୁଦିନେ ଖାଦ୍ୟ ଦେଉଥିଲେ ତାଙ୍କ ବ୍ୟତୀତ ଆଉ କୌଣସି ମଣିଷ ସହ ତାର ସମ୍ପର୍କ ନଥିଲା । ତାର ଏହି ପରିସ୍ଥିତିର କାରଣ ଥିଲେ ବାପା ଯେ'କି ଶବ୍ଦ ପ୍ରତି ଅସହିଷ୍ଣୁ ଥିଲେ ଓ ଯଦି ସେ କୌଣସି ଶବ୍ଦ କରୁଥିଲା ତେବେ ତାକୁ ମାଡ ଖାଇବାକୁ ପଡୁଥିଲା । ପରେ ଦେଖାଗଲା ଯେ ଜେନି ବାକ୍ ଶକ୍ତିହୀନ ଓ ଏପରିକି ବର୍ଷବର୍ଷ ଧରି ସାଧାରଣ ଘରୋଇ ପରିବେଶରେ ଭାଷା ସମ୍ପର୍କିତ ସୁଯୋଗମାନ ମଧ ସମ୍ପୂର୍ଣ୍ଣ ଶୁଦ୍ଧବାକ୍ୟ କରିବାରେ ତାକୁ ସମର୍ଥ କରିପାରିଲା ନାହିଁ ।

ସନ୍ଧ୍ୟାକୁ୨୦ବର୍ଷ ହୋଇଥିବାବେଳେ ଗୋଟିଏ କାର୍ ଦୁର୍ଘଟଣା ଘଟିଥିଲା । ମୁଣ୍ଡରେ ଆଘାତ ଯୋଗୁଁ ବାମପଟ ମସ୍ତିଷ୍କର କ୍ଷତି ହୋଇଥିଲା । ଫଳରେ ସନ୍ଧ୍ୟାର ବାକ୍‌ଶକ୍ତି ଅତିମାତ୍ରାରେ ପ୍ରଭାବିତ ହୋଇଥିଲା । ଏପରିକି ପ୍ରାତଃ ଭୋଜନରେ କ'ଣ ଖାଇଲ ପ୍ରଶ୍ନର ଉତ୍ତରରେ ସେ ଥଙ୍ଗେଇ ଥଙ୍ଗେଇ କହିଲା 'ମୁଁ ଚୁଡା ଖାଇ କ୍ଷୀର ପିଇ'

ହୋମନା ମୋ ସାଙ୍ଗର ସାଢେ ଚାରିବର୍ଷ ବୟସର ଏକ ନାତୁଣୀ । ସେ ଦିଲ୍ଲୀରେ ଜନ୍ମ ହୋଇଥିଲା ଓ ତାଙ୍କ ଘରେ କୁହାଯାଉଥିବା ଭାଷାଗୁଡ଼ିକ ହେଲା ହିନ୍ଦୀ, ଇଂରାଜୀ, ପଞ୍ଜାବୀ ଓ ମାଣ୍ଡ୍ୟଲୀ (ହିମାଚଳ ପ୍ରଦେଶରେ କୁହାଯାଉଥିବା ଏକ ଭାଷା) । ଏକ ସମୟରେ ସମସ୍ତ ଭାଷା ଶୁଣିବା ତା ପାଇଁ ସହଜବୋଧ ଥିଲା ଓ ଅନ୍ୟମାନେ କହୁଥିବା ଭାଷାରେ ସେମାନଙ୍କ ସହ ସେ ପାରିବାଭଳି କ୍ରିୟାପ୍ରତିକ୍ରିୟା କରୁଥିଲା । ସେ ସାଢେ ଦୁଇବର୍ଷ ବୟସର ହୋଇଥିବା ସମୟରେ ଦକ୍ଷିଣ ଭାରତର କର୍ଣ୍ଣାଟକ ରାଜ୍ୟର ବାଙ୍ଗାଲୋରକୁ ସ୍ଥାନାନ୍ତରିତ ହୋଇଥିଲା । ଫଳତଃ କନ୍ନଡ ଓ ତାମିଲ ଭାଷାରେ ଅନେକ କିଛି ଶୁଣିବାକୁ ତାକୁ ମିଳିଥିଲା । ଆଜି ସେ ଘରେ କେବଳ ନିଜର ପରିଚାରିକା ସହ ସ୍ୱଷ୍ଟ ଭାବେ ତାମିଲରେ କଥାବାର୍ତ୍ତା କରିପାରୁଛି । ଯେତେବେଳେ ଘରେ କେହି ସେମାନଙ୍କ କଥାବାର୍ତ୍ତାର ସାମାନ୍ୟ ଅଂଶବି ବୁଝିପାରୁନାହାନ୍ତି । ସେ ତାମିଲ ଓ କନ୍ନଡ ଭାଷାର ଗୀତର ଛୋଟ ଅଂଶ ମଧ ତ୍ରୁଟିଶୂନ୍ୟଭାବେ ବୋଲିପାରେ ଓ ନିଜର ସାଙ୍ଗମାନଙ୍କ ସହ ସେହି ଭାଷାର ବ୍ୟବହାର ସବୁବେଳେ କରେ । ଏକ ସମୟରେ ମଧ ସେ ହିନ୍ଦୀ ଓ ଇଂରାଜୀରେ ଏକ ଅନର୍ଗଳ ବକ୍ତା ।



ଟିପ୍ପଣୀ

ଉପରୋକ୍ତ ବାସ୍ତବ ଜୀବନ ପରିସ୍ଥିତି ଗୁଡିକ ଆମେ କିପରି ଭାଷା ଆହରଣ କରୁ ସେ ସମ୍ପର୍କରେ କ'ଣ କହେ ? ଆମ ଚାରିପାଖରେ ଶୁଣୁଥିବା ହେତୁ ଆମେ ଏହାକୁ ଗ୍ରହଣ କରୁ ବା ଭାଷା ଆହରଣରେ ଆମ ଶାରୀରିକ ଗଠନରେ କିଛି ଭୂମିକା ରହିଛି ? ସନ୍ଧ୍ୟା, ଜେନି ଓ ହୋମନା ଉତ୍ତରର କିଛି ପ୍ରମାଣ ପ୍ରଦାନ କଲେ । ମସ୍ତିଷ୍କ ଆଘାତ ଦ୍ୱାରା ଆକ୍ରାନ୍ତ ହେବା ଫଳରେ ସନ୍ଧ୍ୟାର କଥନ ଦକ୍ଷତା ପ୍ରଭାବିତ ହେଲା ଓ ଜେନୀ କାହାକୁ ଦେଖିବାର ସୁଯୋଗ ନ ପାଇବାରୁ କିଛି କଥା କହିପାରିଲା ନାହିଁ । ଅପର ପକ୍ଷରେ ଯତ୍ନଶୀଳ ପାରିବାରିକ ପରସ୍ଥିତିର ସୁଯୋଗ ହେତୁ ହୋମନା ଏକାଧିକ ଭାଷା ଶିଖିପାରିଲା । ବିନା ସୁସ୍ପଷ୍ଟ ଶିକ୍ଷାଦାନ ଓ ଆରାମ ଦାୟକ ପ୍ରଚେଷ୍ଟାରେ ହୋମନା ଭଳି ଅନେକ ପିଲା ସେମାନଙ୍କ ଘରେ କୁହାଯାଉଥିବା ଏକାଧିକ ଭାଷା ଗ୍ରହଣ କରିପାରନ୍ତି । ଭାଷା ଆହରଣ ନିମିତ୍ତ ଆମର ଶାରୀରିକ ଗଠନ ଆମକୁ ପ୍ରଭୂତ ସାମର୍ଥ୍ୟ ପ୍ରଦାନ କରିଥାଏ ଯେପର୍ଯ୍ୟନ୍ତ ଆମେ ଆମ ପରିବେଶରୁ ଏଥିନିମିତ୍ତ ଆବଶ୍ୟକୀୟ ସୁଯୋଗ ପାଇଥାଉ । ଏହି ଦୃଷ୍ଟିରୁ ଭାଷା ଜନ୍ମଗତ ବା ଶିଖିହୁଏ କହିବା ନିରର୍ଥକ ଏହାର ଆହରଣରେ ଉଭୟ ପ୍ରକୃତି ଓ ପରିବେଶର ଭୂମିକା ରହିଛି ।

ପ୍ରଥମ ଏକକରେ ଭାଷାର ଗଠନ କିପରି କ୍ଲିଷ୍ଟ ଓ ଜଟିଳ, ତାହା ଆମେ ଆଲୋଚନା କରିଛେ । ତଥାପି ୩-୪ବର୍ଷ ବୟସର ପିଲା ଏହି ସମୟରେ ୨ ରୁ ୩ଟି ଭାଷାର ବ୍ୟାକରଣ ବୁଝିବାକୁ ସମର୍ଥ ହୋଇଥାଏ । ଏହା ସ୍ପଷ୍ଟ ଭାବେ ଦର୍ଶାଏ ଯେ ଭାଷା ଆହରଣ କରିବାକୁ ମଣିଷ ଅନ୍ତର୍ନିହିତ ସାମର୍ଥ୍ୟ ସହ ଜନ୍ମ ହୋଇଥାଏ । ପ୍ରତ୍ୟେକ ପିଲା ଏହି ଅନ୍ତର୍ନିହିତ ସାମର୍ଥ୍ୟ ନେଇ ବିଦ୍ୟାଳୟକୁ ଆସିଥାନ୍ତି । ଶିକ୍ଷାଦାନରେ ସମ୍ପୃକ୍ତ ପ୍ରତ୍ୟେକ ବ୍ୟକ୍ତି ନିମିତ୍ତ ଏହାକୁ ପସନ୍ଦ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ଏହା ମଧ୍ୟ ବୁଝିବା ଗୁରୁତ୍ୱପୂର୍ଣ୍ଣ ଅଟେ ଯେ ଯଦି ଭାଷା ସମୃଦ୍ଧ ଓ ସ୍ନେହପୂର୍ଣ୍ଣ ପରିବେଶ ନ ମିଳେ ତେବେ ଏହି ସାମର୍ଥ୍ୟ ବିକଶିତ ହୋଇପାରିବ ନାହିଁ ।

## ନିଜ ପ୍ରଗତିକୁ ପରଖି ଦେଖ - ୧

୧. "ମୁଁ ଚୁଡା ଖାଇ ଓ ଦୁଧ ପିଇ", ପିଲାଟି ଏପରି କାହିଁକି କୁହେ ?

**କ.** ମୁଣ୍ଡର ବାମ ପାର୍ଶ୍ୱରେ ଆଘାତ ହୋଇଥିବାରୁ **ଖ.** ଭାଷା ସମୃଦ୍ଧ ପରିବେଶ ପାଇ ନଥିବାରୁ

ଗ. କଥନ ନିମିତ୍ତ ସୁଯୋଗ ପାଇନଥିବାରୁ **ଘ.** ଭାଷା ଆହରଣ କରିବାରେ ସମର୍ଥ ହୋଇନଥିବାରୁ

୨. ବାଲ୍ୟାବସ୍ଥାରେ ଆପଣ ଗୃହ ପରିବେଶରୁ କେତୋଟି ଭାଷା ଶିଖିଥିଲେ ?

୩. ଆପଣଙ୍କ ବିଦ୍ୟାଳୟର ପିଲାମାନେ ସେମାନଙ୍କ ଗୃହ ପରିବେଶରେ କେତୋଟି ଭାଷାରେ କଥା ହୁଅନ୍ତି ?

୪. ଭାଷା ଶିକ୍ଷଣ ନିମିତ୍ତ ଶିକ୍ଷଣ ପରିବେଶ ସୃଷ୍ଟି କଲାବେଳେ କେଉଁ ଦୁଇଟି ଦିଗପ୍ରତି ଧ୍ୟାନଦେବା ଉଚିତ ?

୫. ଚାରିବର୍ଷର ପିଲାଟିଏ ସହ କଥା ହୁଅନ୍ତୁ । ସେ କହିପାରୁଥିବା ୨୦ଟି ବାକ୍ୟ ଲେଖନ୍ତୁ । ସେ ଯାହା ଚାହେଁ ତାହା ଆପଣଙ୍କୁ କହିପାରିବ କି ? ସେ ଯାହା ଚାହେଁ ନାହିଁ ତାହା ଆପଣଙ୍କୁ କହିପାରିବ କି ? ସେ କ'ଣ ପସନ୍ଦ ବା ନାପସନ୍ଦ କରେ ତାହା ଆପଣଙ୍କୁ କହିପାରିବ କି ? ସେ ଆପଣଙ୍କୁ ପ୍ରଶ୍ନ ପଚାରିପାରିବ କି ? ସେ କିଛି ଜିନିଷ ପାଇଁ ଆପଣଙ୍କୁ କହିପାରିବ କି ?



ଟିପ୍ପଣୀ

### ୩.୨.୧ ଭାଷା ଆହରଣ ପାଇଁ ମଣିଷର ଶାରୀରିକ ଉପଯୋଜନ

ଭାଷା ଶିଖିବା ପାଇଁ ମଣିଷର ଶାରୀରିକ ଗଠନ ଅନୁକୂଳ ଅଟେ । ଏଥିରୁ ଏହା ନିଧାର୍ଯ୍ୟ ଭାବେ ସୂଚିତ ହେଉଛି ଯେ ମଣିଷ ଧ୍ୱନୀ ସୃଷ୍ଟି କରିପାରେ ଓ ଶୁଣିପାରେ ତଥା ତହିଁରୁ ଅର୍ଥ ନିର୍ଣ୍ଣୟ ମଧ୍ୟ କରିପାରେ ଯେହେତୁ ଏହି ପ୍ରକ୍ରିୟାରେ ସହାୟତା ନିମିତ୍ତ ତା ଶରୀରର ବିଭିନ୍ନ ଅଂଶ ଉପଯୋଜିତ ହୋଇଥାନ୍ତି ।

**କଥନ:** କହିବାପାଇଁ ଆମେ ବାୟୁନଳୀ ଦେଇ ଫୁସଫୁସରୁ ବାୟୁ ନିର୍ଗତ କରୁ ଓ ତା'ପରେ ସ୍ୱରତନ୍ତ୍ରର ବିଭିନ୍ନ ଅଂଶ ଦେଇ ଶେଷରେ ଭିନ୍ନଭିନ୍ନ ପ୍ରକାର ଧ୍ୱନୀ ସୃଷ୍ଟି କରିବା ନିମିତ୍ତ ପାଟିରେ ପହଞ୍ଚାଉ । ବେଳେବେଳେ ଆମ ନାସା ପଥ ଦେଇ ବାୟୁ ମଧ୍ୟ ଚଳାଚଳ କରେ । ଯେତେବେଳେ ଉପରୋକ୍ତ ଅଙ୍ଗଗୁଡିକ ଧ୍ୱନୀ ପ୍ରସ୍ତୁତ କରିବାରେ ନିୟୋଜିତ ଥାନ୍ତି ସେମାନେ ମଧ୍ୟ ଅନ୍ୟାନ୍ୟ ଅତ୍ୟାବଶ୍ୟକ କାର୍ଯ୍ୟଗୁଡିକ ସମ୍ପାଦନ କରନ୍ତି । ଜିଭ ସ୍ୱତନ୍ତ୍ର ଭାବେ ସ୍ୱାଦ ପାଇଁ ଦାନ୍ତ ଖାଇବା ପାଇଁ, ଓଠ ଚୁଚୁମିବା ପାଇଁ ଓ ଫୁସଫୁସ , ବାୟୁନଳୀ , ମୁଖ ଓ ନାକ ଶ୍ୱାସ ପ୍ରଶ୍ୱାସ ପାଇଁ ନିୟୋଜିତ ଥାନ୍ତି । ତେବେ ମାଙ୍କଡ, ସିମ୍ପାଞ୍ଜୀ , ଗରିଲା ଭଳି ଶାରୀରିକ ଗଠନରେ ଆମର ନିକଟତର ମୁଖ୍ୟ ପ୍ରାଣୀମାନଙ୍କ ଭଳି ନହୋଇ ମଣିଷ କ୍ଷେତ୍ରରେ ଏହି ଅଙ୍ଗଗୁଡିକ କଥନ ନିମିତ୍ତ ଉପଯୋଜିତ ହୋଇଥାଏ ।

କଥାକହିବା ବେଳେ ଆମର ଫୁସଫୁସ ଶ୍ୱାସକ୍ରିୟାକୁ ନିୟନ୍ତ୍ରିତ କରିବାରେ ସାହାଯ୍ୟ କରେ । ଏବଂ ଅଣନିଃଶ୍ୱାସୀ ନହୋଇ ଦୀର୍ଘ ସମୟ ଧରି ଆମେ କଥା ହେବା ପାଇଁ ତାହା ଉପଯୋଜିତ ହୋଇଥାଏ । ମିନିଟ ପ୍ରତି ହେଉଥିବା ଶ୍ୱାସକ୍ରିୟାର ବେଗ କମିଯାଏ । ପ୍ରଶ୍ୱାସର ବେଗ ଉଲ୍ଲେଖନୀୟ ଭାବେ ବୃଦ୍ଧିପାଉଥିବା ବେଳେ ନିଃଶ୍ୱାସର ବେଗ ହ୍ରାସ ପାଏ । ଆମ ଓଠର ମାଂଶପେଶୀ ଅପେକ୍ଷାକୃତ ଅଧିକ ବିକଶିତ । ଏହା ପରସ୍ପର ଆଡକୁ ଗତି କରି ପାରିବେ, ଦୃଢଭାବେ ବନ୍ଦ ହୋଇ ପାରିବେ, ଅଲଗା ହୋଇ ପାରିବେ, ଆଗକୁ ପଛକୁ ବା ବୃତ୍ତାକାର ଭାବେ ଗତି କରିପାରିବେ । ମାଙ୍କଡର ଲମ୍ବା ଓ ପତଳା ଜିଭ ଭଳି ନହୋଇ ମଣିଷର ଜିଭ ମୋଟା, ମାଂସଳ ଓ ଗତିଶୀଳ ହେବା ସହ ତଳପାଟି, ଚଳନଶୀଳ ହୋଇଥାଏ । ଏଗୁଡିକ ବିଭିନ୍ନ ପ୍ରକାର ଧ୍ୱନୀ ସୃଷ୍ଟି କରିବାରେ ସହାୟତା କରିଥାନ୍ତି ।

**ବୋଧଗମ୍ୟତା**

ଅନ୍ୟାନ୍ୟ ଅନେକ ପ୍ରାଣୀ ଭଳି ମଣିଷର ମସ୍ତିଷ୍କ ଦୁଇଭାଗରେ ବିଭକ୍ତ । ଯଥା ନିମ୍ନଭାଗ – ସୁଷୁମ୍ନା ଶୀର୍ଷକ ଓ ଉପର ଭାଗ – ସେରିବ୍ରମ (Cerebrum)

ସୁଷୁମ୍ନାଶୀର୍ଷକ ଯାହା ସୁଷୁମ୍ନାକାଣ୍ଡ ସହ ସଂଯୁକ୍ତ ତାହା ଶ୍ୱାସକ୍ରିୟା ଓ ହୃଦ୍‌ସ୍ପନ୍ଦନ ଆଦିକୁ ନିୟନ୍ତ୍ରଣ କରି ମଣିଷକୁ ଜୀବିତ ରଖେ । ଯଦିଓ ସେରିବ୍ରମ ଜୀବିତ ରହିବା ପାଇଁ ଅପରିହାର୍ଯ୍ୟ ନୁହେଁ ତଥାପି ପରିବେଶ ସହ ପ୍ରାଣୀର ସମନ୍ୱୟ ରକ୍ଷା କରିବାରେ ସାହାଯ୍ୟ କରେ । ସେରିବ୍ରମ ବାମ ଓ ଦକ୍ଷିଣ ଅର୍ଦ୍ଧଗୋଲକ ରୂପେ ଦୁଇଭାଗରେ ବିଭକ୍ତ । ଅର୍ଦ୍ଧଗୋଲକ ଦ୍ୱୟ ପରସ୍ପର ସହ ଅନେକ ସ୍ନାୟୁଗୁଚ୍ଛ ଦ୍ୱାରା ସଂଯୁକ୍ତ ।



ଟିପ୍ପଣୀ

ଅନେକ ଅଧ୍ୟୟନରୁ ଏହା ପ୍ରତିପାଦିତ ହୋଇଛି ଯେ ଶରୀରର ଦକ୍ଷିଣ ଭାଗର ଅନୁଭୂତି ଗୁଡିକ ମସ୍ତିଷ୍କର ବାମ ଗୋଲାର୍ଦ୍ଧରେ ଓ ବାମ ପାର୍ଶ୍ୱ ଅନୁଭୂତିଗୁଡିକର ପ୍ରକ୍ରିୟାକରଣ ମସ୍ତିଷ୍କର ଡାହାଣ ଗୋଲାର୍ଦ୍ଧରେ ସମ୍ପାଦିତ ହୋଇଥାଏ । ଗବେଷଣା ଏହା ମଧ୍ୟ ସୂଚିତ କରେ ଯେ ଆମ ଭିତରୁ ଅଧିକାଂଶଙ୍କର (୯୦% ଡାହାଣ ହାତି ଓ ୭୦% ବାମହାତି) ବୁଝିବା ଓ କହିବା ଦକ୍ଷତା କେନ୍ଦ୍ର ମସ୍ତିଷ୍କର ବାମ ଗୋଲାର୍ଦ୍ଧରେ ରହିଛି ।

କେଉଁ ଗୋଲାର୍ଦ୍ଧଦ୍ୱାରା ବାକଶକ୍ତି ନିୟନ୍ତ୍ରିତ ହେଉଛି ତାହା ଜାଣିବା ପାଇଁ ସମ୍ପ୍ରତି ବିକଶିତ ହୋଇଥିବା ସହଜ ପରୀକ୍ଷଣର ନାମ ଡାଇକୋଟିକ ଲିଶନିଂ ଟେଷ୍ଟ (Dichotic listening Test) । ଏହି ପରୀକ୍ଷଣରେ ପରୀକ୍ଷା କରାଯାଉଥିବା ବ୍ୟକ୍ତି ଗୋଟିଏ ହେଡ ଫୋନ ଲଗାନ୍ତି । ଦୁଇଟି ଅଲଗା ଶବ୍ଦ ଏକ ସମୟରେ ଦୁଇଟି କାନରେ ଶୁଣାଇ ଦିଆଯାଏ । ଯଥା ଗୋଟିଏ କାନରେ ଆଠ ଓ ଅନ୍ୟ କାନରେ ଚାରି । ଡାହାଣ କାନରେ ଶୁଣାଇ ଦିଆଯାଇଥିବା ଶବ୍ଦକୁ ଅନେକ ପୁନରାବୃତ୍ତି କରିବାର ଦେଖାଯାଏ କାରଣ ଶରୀରର ଏହି ପାଖ ମସ୍ତିଷ୍କର ବାମ ଗୋଲାର୍ଦ୍ଧ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ ଯାହାକି ଆମର ଭାଷା କେନ୍ଦ୍ର ଅଟେ । ବାମକାନରେ ଶୁଣାଇ ଦିଆଯାଇଥିବା ଧ୍ୱନୀ ପ୍ରକ୍ରିୟାକରଣ ପାଇଁ ଅଧିକ ସମୟ ନିଏ କାରଣ ପ୍ରଥମେ ଏହା ଡାହାଣ ଗୋଲାର୍ଦ୍ଧକୁ ପଠାଯାଏ । ପରେ ଏହା ବାମ ଗୋଲାର୍ଦ୍ଧକୁ (ଭାଷାକେନ୍ଦ୍ର) ଯାଏ । ଏହି ପରୋକ୍ଷ ପଥ ବୁଝିବା ଓ ଧ୍ୱନୀ ସୃଷ୍ଟି କରିବାରେ ଲମ୍ବା ସମୟ ନେଇଥାଏ ।

ଭିନ୍ନଭିନ୍ନ ଗବେଷଣା ପ୍ରମାଣିତ କରିଛି ଯେ ମସ୍ତିଷ୍କର ବାମ ଗୋଲାର୍ଦ୍ଧର ଦୁଇଟି ସ୍ଥାନ ଭାଷା ସହିତ ଯୋଡା ହୋଇଥାନ୍ତି । ଯଥା – ବ୍ରୋକାସ(Broca’s area) (ଆଗ ଓ ଠିକ ବାମ କାନର ଉପର) ଓ ଓରନିକ୍‌ସ ଅଞ୍ଚଳ (Wernick’s Area) (ବାମକାନର ଚାରିପାଖ ଓ ତଳ ଅଞ୍ଚଳ) । ବ୍ରୋକାସ ଅଞ୍ଚଳରେ କ୍ଷତି ଘଟିଲେ ଏହା କଥା କହିବାରେ ସମ୍ୟା ସୃଷ୍ଟି କରେ । ସେହିପରି ବ୍ରୋକସ ଅଞ୍ଚଳରେ କ୍ଷତି ଘଟିଲେ ତାହା କଥନ ବୋଧଗମ୍ୟତାରେ ସମସ୍ୟା ସୃଷ୍ଟି କରିଥାଏ । ସେହିପରି ୱରନିକ୍ ଅଞ୍ଚଳରେ କ୍ଷତି ଘଟିଲେ ତାହା କଥନ ବୋଧଗମ୍ୟତାରେ ସମସ୍ୟା ସୃଷ୍ଟି କରେ, ତେବେ ଘଟଣାମାନ ଦେଖାଯାଏ ଯେ ଏହି ସ୍ଥାନ ଗୁଡିକର କ୍ଷତି ଘଟିଥିଲେ ମଧ୍ୟ ଆକ୍ରାନ୍ତ ବ୍ୟକ୍ତିର ଭାଷାରେ ବ୍ୟତିକ୍ରମ ଦେଖାଯାଏ ନାହିଁ । ଗବେଷଣା ଅନୁଯାୟୀ ଏହି କାର୍ଯ୍ୟଗୁଡିକ ନିମିତ୍ତ ମଣିଷ ମଣିଷ ଭିତରେ ମସ୍ତିଷ୍କ ପରିସର ଆକାର ମଧ୍ୟରେ ଥିବା ପାର୍ଥକ୍ୟ ଦାୟୀ ।

**ନିଜ ପ୍ରଗତିକୁ ପରଖି ଦେଖ-୨**

୧. ମାନବ ମସ୍ତିଷ୍କ କେତୋଟି ଗୋଲାର୍ଦ୍ଧରେ ଭାଗ କରାଯାଇଛି ?

କ. ଗୋଟିଏ ଖ. ଦୁଇଟି ଗ. ତିନୋଟି ଘ. ଚାରୋଟି

୨. ମସ୍ତିଷ୍କର କେଉଁ ଗୋଲାର୍ଦ୍ଧଟି ଭାଷା ପାଇଁ ଉଦ୍ଦିଷ୍ଟ ?

୩. ଡାଇକୋଟିକ ଲିଶନିଂ ଟେଷ୍ଟ କ’ଣ ? ଏହା କଣ ଦର୍ଶାଇଥାଏ

ଟିପ୍ପଣୀ

## ୩.୨.୨ ପରିବେଶର ଭୂମିକା

ଚାରିବର୍ଷ ବୟସ ବେଳକୁ ପିଲାଟିଏ ଘର ଭାଷାରେ ଅନର୍ଗଳ ବକ୍ତା ହୋଇଯାଇଥାଏ ।ପିଲାଟି ଯେତେବେଳେ ଅନେକ ପ୍ରାକୃତିକ ଦୈନନ୍ଦିନ ପରିସ୍ଥିତି ସମ୍ପର୍କରେ ଆସେ ସେ ଏହି ଭାଷାଗୁଡିକୁ ଆହରଣ କରେ ।

ପିଲା କହିବାକୁ ଆରମ୍ଭ କରିବା ସମୟରେ ଏଥି ନିମିତ୍ତ ଭାଷା ସମ୍ପର୍କିତ ସୁଯୋଗ ଗୁଡିକର ଗୁରୁତ୍ୱ କିପରି ରହିଛି ତାହା ଜେନୀ ଓ ହୋମନା ଙ୍କ ଉଦାହରଣ ଉନ୍ମୋଚିତ କରିଥାଏ । ଜେନୀ ବାକ୍‌ଶକ୍ତି ହୀନ ଥିଲା କାରଣ ସେ କୌଣସି ଭାଷା ଶୁଣିନଥିଲା ଓ ଅନ୍ୟପକ୍ଷରେ ହୋମନା ତାର ନିଜପରିବେଶରୁ ଏକାଧିକ ଭାଷା ଆହରଣ କରିପାରିଥିଲା। ଭାଷା ଆହରଣ କ୍ଷେତ୍ରରେ ମଣିଷର ସ୍ୱାଭାବିକ ସାମର୍ଥ୍ୟର ବିନିଯୋଗ ନିମିତ୍ତ ଏକ ଭାଷା ସମୃଦ୍ଧ ପରିବେଶ ଅପରିହାର୍ଯ୍ୟ ଯେଉଁଠି ପିଲା ପରିଚାରିକା ବୟସ୍କ ବ୍ୟକ୍ତି ବା ତା ସହିତ ହେଉଥିବା କଥୋପକଥନକୁ ଶୁଣିପାରିବ, ନିଜେ ବହି ପଢିପାରିବ, ଗୀତ ବୋଲିପାରିବ, ଅନ୍ୟ ଲୋକ ସହ ପ୍ରତିକ୍ରିୟା କରିପାରିବ, ଗୀତ ଶୁଣିପାରିବ, ଟିଭି ଦେଖିପାରିବ ଇତ୍ୟାଦି ।

ଇଶାବେଲାର ଉଦାହରଣର ଏହା ସ୍ପଷ୍ଟ ହୋଇଥାଏ । ଇଶାବେଲା କାଲ, ମୂକ ତଥା ବାକଶକ୍ତି ହୀନ ଝିଅଟିଏ । ତାକୁ ସାଢେ ଛଅବର୍ଷ ବୟସ ହୋଇଥିବା ସମୟରେ ଓହିଓ ଠାରେ ୧୯୪୦ ମସିହାରେ ଠାବ କରାଯାଇଥିଲା । ତାର ମାଆ ସହ ଏକୁଟିଆ ଗୋଟିଏ ଅନ୍ଧାରିଆ କୋଠରୀରେ ସେ ସମୟ କାଟୁଥିଲା । ତେବେ ସାଧାରଣ ପରିବେଶରେ ତାକୁ ଭାଷା ଆହରଣ କରିବାର ସୁଯୋଗ ଦିଆଗଲା । ସେ ଏହାକୁ ଅତିଶୀଘ୍ର ଆହରଣ  କରିପାରିଲା । ସାଧାରଣତଃ ଛଅବର୍ଷ ଲାଗୁଥିବା କଥାଗୁଡିକୁ ସେ ଦୁଇବର୍ଷରେ ହାସଲ କରିପାରିଲା । ସାଢେ ଆଠବର୍ଷ ବୟସ ବେଳକୁ ଅନ୍ୟ ପିଲାମାନଙ୍କଠାରୁ ତାକୁ ପୃଥକ କରିବା ମଧ୍ୟ ସମ୍ଭବପର ହୋଇପାରିଲା ନାହିଁ । କାରଣ କୌଣସି ଗୁଣରେ ଭାଷା ଆହରଣ କ୍ଷେତ୍ରରେ ସେ ସାଧାରଣ ପିଲାଙ୍କଠାରୁ  ପଛରେ ନଥିଲା । ଭାଷା ସମୃଦ୍ଧ ପରିବେଶ ବ୍ୟତୀତ ଭାଷା ଶିକ୍ଷଣ ନିମିତ୍ତ ଏକ ଜଟିଳ ସମୟ ରହିଛି – ଯାହା ପ୍ରକୃତି ନିର୍ଦ୍ଧାରିତ କରିଥାଏ । ଭିନ୍ନ ଭିନ୍ନ ପିଲାଙ୍କ କ୍ଷେତ୍ରରେ ଏହା ଦୁଇରୁ ଚଉଦବର୍ଷ ବୟସ ପର୍ଯ୍ୟନ୍ତ ହୋଇଥାଏ ଓ ଏହି ସମୟରେ ଭାଷା ଆହରଣ ପିଲାମାନଙ୍କ ପାଇଁ ସହଜ । ଏହି ପରିପ୍ରେକ୍ଷୀରେ ଜେନୀ ଓ ଇଶାବେଲାର ଭାଷା  ଆହରଣ ଅଭିଜ୍ଞତାର ତୁଳନା କରାଯାଇପାରେ । ଜେନୀ ତେରବର୍ଷ ବୟସରେ ଭାଷା ଆହରଣର ସୁଯୋଗ ପାଇଲା । ଫଳରେ ଅନେକ ବର୍ଷ ପରେ ମଧ୍ୟ ସେ ବ୍ୟାକରଣ ଅନୁଯାୟୀ ଶୁଦ୍ଧବାକ୍ୟ  କହିପାରିଲା ନାହିଁ । ଅପରପକ୍ଷରେ ଇଶାବେଲା ଦୁଇବର୍ଷ ମଧ୍ୟରେ ଏହା ହାସଲ କରିପାରିଲା ଯାହା ତାହା ବୟସର ପିଲାମାନଙ୍କଠାରୁ କୌଣସି ଦୃଷ୍ଟିରୁ ଭିନ୍ନ ନଥିଲା ।

ଅନାଥାଶ୍ରମ ଭଳି ଭାଷାଗତ ଦୁର୍ବଳ ପରିସ୍ଥିତି ସମ୍ପନ୍ନ ଅନୁଷ୍ଠାନରେ ପାଳିତ ହେଉଥିବା ପିଲାମାନେ ଭାଷା ଆହରଣର ପର୍ଯ୍ୟାପ୍ତ ସୁଯୋଗ ପାଆନ୍ତି ନାହିଁ । କାରଣ ଏଠାରେ ଯତ୍ନ ନେଉଥିବା



ଟିପ୍ପଣୀ

ପରିଚାରକମାନଙ୍କର ପ୍ରତ୍ୟେକ ପିଲାସହ କ୍ରିୟା ପ୍ରତିକ୍ରିୟା କରିବା ନିମିତ୍ତ ସମୟ ନଥାଏ । ଫଳରେ କଥା ଆରମ୍ଭ କରୁଥିବା ପିଲାମାନେ ପଛରେ ପଡିଯାଆନ୍ତି ଓ ଭାଷା ବ୍ୟବହାର ତଥା ଗଠନର ପ୍ରକାର ଭେଦ ଏମାନଙ୍କ ପାଇଁ ସୀମିତ ହୋଇଯାଏ । ଶ୍ରବଣ ବାଧିତ ପିଲାମାନଙ୍କ କ୍ଷେତ୍ରରେ ଏହାରମାତ୍ରାଧିକ ପ୍ରତିଫଳନ ଦେଖାଯାଏ  ଅନ୍ୟ ପିଲାମାନଙ୍କ ଭଳି ଏମାନେ କିଛି ନଶୁଣି ଅସ୍ପଷ୍ଟ ଶବ୍ଦ ପ୍ରକାଶ କରନ୍ତି । ସେମାନଙ୍କୁ ଶ୍ରବଣଯନ୍ତ୍ର ପ୍ରଦାନ କରାନଗଲେ ଶେଷରେ ସେମାନେ କଥା କହିବା ଶିଖିବେ ନାହିଁ । ଯାହାହେଉ ସେମାନେ ସାଙ୍କେତିକ ଭାଷା ବ୍ୟବହାର କରନ୍ତି । ସାଙ୍କେତିକ ଭାଷା କେବଳ ଏକ ନିର୍ଦ୍ଧାରିତ ଅଙ୍ଗଭଙ୍ଗୀ ନୁହେଁ ବରଂ ଏହା ମୌଖିକ ଭାଷା ଭଳି ବ୍ୟବସ୍ଥିତ । ତେଣୁ ଗୋଟିଏ ଭାଷା କହିବାକୁ ହେଲେ ସେହି ଭାଷାକୁ ପ୍ରଥମେ ପିଲା ଶୁଣିବା ଉଚିତ । ତେବେ ଭାଷାକୁ ଶୁଣିବା ଯଥେଷ୍ଟ ନୁହେଁ । ଏକ ବାସ୍ତବ ଜୀବନ ଘଟଣାରେ ଗୋଟିଏ ଶ୍ରବଣ ବାଧିତ ପିତାମାତାଙ୍କ ସାଧାରଣ ଭାବେ ଶୁଣିପାରୁଥିବା ପୁଅକୁ ଟିଭି, ରେଡିଓ କାର୍ଯ୍ୟକ୍ରମ ଶୁଣିବାର ସୁଯୋଗ ଦିଆଗଲା । କିନ୍ତୁ ଦେଖାଗଲା ଯେ କହିବାର ଶକ୍ତି ଆହରଣ କରିପାରିଲା ନାହିଁ  ବା କଣ କୁହାଯାଇଛି ତାହା ବୁଝିପାରିଲା ନାହିଁ  । ସେ ତିନିବର୍ଷ ବୟସରେ ନିଜ ପିତାମାତାଙ୍କ ସହ କ୍ରିୟାକଳାପ ନିମିତ୍ତବ୍ୟବହାର କରୁଥିବା ସାଙ୍କେତିକ ଭାଷାକୁ ଫଳପ୍ରଦ ଭାବେ ଶିଖିପାରିଲା । ତେଣୁ ଭାଷା ଆହରଣ ନିମିତ୍ତ ଭାଷା ବ୍ୟବହାର କରୁଥିବା ବ୍ୟକ୍ତିମାନଙ୍କ ସହିତ କ୍ରିୟାପ୍ରତିକ୍ରିୟା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ।

ନିଜ ଘରୋଇ ଦେଶରୁ ପିତାମାତାଙ୍କ ସହ ସ୍ଥାନାନ୍ତର ହେଉଥିବା ପିଲାମାନେ ସେହି ଦେଶର କଥିତ ଭାଷାକୁ ଆରାମଦାୟକ ଭାବେ ଆହରଣ କରିପାରୁଥିବା ବେଳେ ସେମାନଙ୍କ ସହ ଯାଉଥିବା ବୟସ୍କମାନଙ୍କ ପାଇଁ ଏହା ଏକ କଠିନ କାର୍ଯ୍ୟ ହୋଇଥାଏ ।

ପରିବେଶର ଭୂମିକା ଆଲୋଚନା କରିବା ସମୟରେ ଏକ ପ୍ରଶ୍ନ ଗୁରୁତ୍ୱପୂର୍ଣ୍ଣ ମନେହୁଏ ଯାହା ବୟସ୍କମାନଙ୍କୁ ଅନୁକରଣ କରି ପିଲାମାନେ ଘରଭାଷା ଶିଖନ୍ତି କି ? ଅନେକ ଅଧ୍ୟୟନ ଓ ପର୍ଯ୍ୟବେକ୍ଷଣ ତଥ୍ୟ ପ୍ରଦାନ କରେ ଯେ ଏହା ଠିକ ନୁହେଁ, ଏହି ସମ୍ପର୍କରେ ଆମେ ପରେ ଆଲୋଚନା କରିବା ।

ଯଦି ବୟସ୍କମାନଙ୍କୁ ଅନୁକରଣ କରି ପିଲାମାନେ କହୁଥାନ୍ତେ ,ଅର୍ଥାତ ପିତାମାତାଙ୍କର କଥାକୁ ଶୁଣି ଓ ଏହାର ପୁନରାବୃତ୍ତି କରେ ତେବେ ଘରେ ପିତାମାତା ତଥା ଅନ୍ୟାନ୍ୟ ବୟସ୍କମାନଙ୍କ ପ୍ରତ୍ୟେକ ସଂଶୋଧନ ଓ ବାରମ୍ବାର ଅଭ୍ୟାସ ପ୍ରତି ସେମାନେ ପ୍ରତିକ୍ରିୟାଶୀଳ ହେବେ । ତେବେ ଏହା ଦେଖାଯାଇଛି ଯେ ଏହି ସଂଶୋଧନ ଓ ଅଭ୍ୟାସ ପିଲାମାନଙ୍କ ଭାଷା ଆହରଣରେ ଅପେକ୍ଷାକୃତ ଭାବେ କମ୍ ପ୍ରଭାବ ପକାଇଥାଏ ତଥା ଅନ୍ୟାନ୍ୟ ବୟସ୍କମାନଙ୍କ ପ୍ରତ୍ୟକ୍ଷ ସଂଶୋଧନ ଓ ବାରମ୍ବାର ଅଭ୍ୟାସ ପ୍ରତି ସେମାନେ ପ୍ରତିକ୍ରିୟାଶୀଳ ହେବେ । ତେବେ ଏହା ଦେଖାଯାଇଛି ଯେ ଏହି ସଂଶୋଧନ ଓ ଅଭ୍ୟାସ ପିଲାମାନଙ୍କ ଭାଷା ଆହରଣରେ ଅପେକ୍ଷାକୃତ ଭାବେ କମ୍ ପ୍ରଭାବ ପକାଇଥାଏ ।

ଟିପ୍ପଣୀ

ତେବେ ଆସନ୍ତୁ ଦେଖିବା ପ୍ରତ୍ୟକ୍ଷ ସଂଶୋଧନ ଓ ଅଭିଭାବକ ଏବଂ ଗବେଷକମାନଙ୍କ ଦ୍ୱାରା କରାଯାଇଥିବା କେତେକ ପ୍ରତିଷ୍ଠାର ଫଳାଫଳ ସମ୍ପର୍କିତ ଏକ ବିବରଣୀ । ଏହି ଉଦାହରଣରେ ବାପା ତାଙ୍କ ପିଲାଟିକୁ ବାପା ଶବ୍ଦଟି କହିବା ପାଇଁ ଶିଖାଇଲେ ।

ବାପା : ପା ପା

ପିଲା : ହା ହା ପା ପା

ବାପା: ପା ପା

ପିଲା : ହା ହା ପା ପା

(ଅତି କମ୍‌ରେ ଦୁଇଥର ପୁନରାବୃତ୍ତି କଲେ )

ବାପା : ପା ପା

ପିଲା : ଆ ଆ ପା ପା

ଏହି ଉଦାହରଣରେ ବାପା ତାଙ୍କର ପିଲାକୁ "ପାପା ଆସିଲେ" ଶିଖାଇଲେ

ପିଲା : ପା ପା ଆସି

ବାପା : ନା ପା ପା ଆସିଲେ

ପିଲା : ପା ପା ଆସି

ବାପା : କୁହ 'ପା ପା ଆସିଲେ'

ପିଲା : ପା ପା ଆସି

ବାପା : ନା ପା ପା ଆସିଲେ

ବାପା : କୁହ ପା ପା ଆସିଲେ

ପିଲାଟି ଦେଖିଲା ଓ ପ୍ରତିକ୍ରିୟା ପ୍ରକାଶ କଲା ନାହିଁ

(ପିତାମାତାଙ୍କ ସହ ଉଦୟପୁରରେ ବାସ କରୁଥିବା ଦୁଇଟି ଭିନ୍ନ ପିଲାଙ୍କ ଉଦାହରଣ)

କହିବା ପାଇଁ ପିଲାକୁ ପୁନରାବୃତ୍ତି କରିବା ଓ ଅନୁକରଣ ନିମିତ୍ତ ବାଧ୍ୟ କରିବା ସଫଳତା ଆଣିଦିଏ ନାହିଁ; ଯାହା ଉପରୋକ୍ତ ଦୁଇଟି ଉଦାହରଣରୁ ପରିଦୃଷ୍ଟ ହୋଇଥାଏ । ଗବେଷଣାରୁ ଏହା ମଧ୍ୟ ପ୍ରମାଣିତ ଯେ ପିଲାମାନେ କହିବା ସମୟରେ ପିତାମାତାମାନେ କେବଳ କ୍ଷୁଦ୍ର ଅଂଶକୁ ସଂଶୋଧନ କରିଥାନ୍ତି । ଅଧିକାଂଶ ସମୟରେ ଏହା ମଧ୍ୟ ସମ୍ଭବ ହୋଇନଥାଏ । ଉକ୍ତିର ବ୍ୟାକରଣଗତ ଦିଗ ଉପରେ ଗୁରୁତ୍ୱ ନଦେଇ କେବଳ ସତ୍ୟାସତ୍ୟ ଆଧାରରେ ସଂଶୋଧନ କାର୍ଯ୍ୟ ସମାପ୍ତ କରନ୍ତି । ଉଦାହରଣ ସ୍ୱରୂପ ପିଲାଟି ଯେତେବେଳେ କହେ ମା ଶୋଇରହିଛନ୍ତି ବାପା ଏହି ବାକ୍ୟକୁ ସଂଶୋଧନ କରନ୍ତି ନାହିଁ । କିନ୍ତୁ ଯଦି ପିଲାଟି କହେ କାଲି ସୋମବାର ଯେତେବେଳେ ପ୍ରକୃତରେ ଏହା ମଙ୍ଗଳବାର ଥାଏ ବାପା ତାହାକୁ ସଂଶୋଧନ କରନ୍ତି ।

ଏହା ମଧ୍ୟ ଦେଖାଯାଇଛି ଯେ ପିତାମାତାମାନେ ବାରମ୍ବାର ସମ୍ପ୍ରସାରଣ ବ୍ୟବହାରରେ ବି ଅକୃତକାର୍ଯ୍ୟ ହୋଇଥାନ୍ତି । ଯେତେବେଳେ ଜଣେ ବୟସ୍କ ବ୍ୟକ୍ତି ପିଲାସହ କଥା ହୁଅନ୍ତି ସେ ବହୁ ସମୟରେ ସେ ପିଲାର ଉଚ୍ଚାରଣଗୁଡିକୁ ସମ୍ପ୍ରସାରଣ କରନ୍ତି । ଏହା ଭାଷା ଶିକ୍ଷଣରେ ନୂଆ କଥା କହିବାରେ କିପରି ପିଲାକୁ ସାହାଯ୍ୟ କରେ । ପିଲାକୁ ବାରମ୍ବାର ସଂଶୋଧନ କରିବା ମଧ୍ୟ ଅନାବଶ୍ୟକ ମନେ ହୁଏ ।



ଟିପ୍ପଣୀ

## ନିଜ ପ୍ରଗତିକୁ ପରଖି ଦେଖ -୩

୧. ପିତାମାତାଙ୍କ ଦ୍ୱାରା କି ପ୍ରକାର ତ୍ରୁଟି ସଂଶୋଧନ ହୋଇଥାଏ ?

କ. ବ୍ୟାକରଣ ଗତ ତ୍ରୁଟି  ଖ. ବାକ୍ୟଗଠନ ସମ୍ପର୍କିତ ତ୍ରୁଟି

ଗ. ତଥ୍ୟଗତ ତ୍ରୁଟି  ଘ. ଅନୁକରଣଜନିତ ତ୍ରୁଟି

୨. ନିମ୍ନଲିଖିତ ପରିସ୍ଥିତିଗୁଡିକୁ ଧ୍ୟାନଦେଇ ପଢନ୍ତୁ ।

ପିଲା: ଆଉ ଗୋଟିଏ ଚାମଚ ଦରକାର, ପାପା

ବାପା: ଏହା ଅର୍ଥ, ତୁମର ଅନ୍ୟ ଚାମଚ ଦରକାର

ପିଲା: ହଁ, ମୋର ଆଉ ଗୋଟିଏ ଚାମଚ ଦରକାର, ବାପା

ବାପା: ‘ଅନ୍ୟଚାମଚ’ ଏହା ତୁମେ କହିପାରିବ ?

ପିଲା: ଅନ୍ୟ . .. ଗୋଟିଏ .. .. ଚାମଚ

ବାପା: କୁହ ଅନ୍ୟ

ପିଲା: ଅନ୍ୟ

ବାପା: ‘ଚାମଚ’

ପିଲା: ଚାମଚ

ବାପା: ‘ଅନ୍ୟଚାମଚ’

ପିଲା: ଅନ୍ୟ .. .. .. ଚାମଚ ବର୍ତ୍ତମାନ ମୋତେ ଆଉଗୋଟିଏ ଚାମଚ ଦିଅ(Braine,1971)

କ. ପିଲାକୁ କଣ ଶିଖାଇବା ପାଇଁ ବାପା ଚେଷ୍ଟା କରିଥିଲେ ?

ଖ. ସେ କୃତକାର୍ଯ୍ୟ ହୋଇଥିଲେ କି ?

ଗ. ଏହି ଉଦାହରଣଟି ପିଲାମାନେ ଭାଷା ଶିଖନ୍ତି କିପରି ସମ୍ପର୍କରେ ଆପଣଙ୍କୁ କ’ଣ କହେ

୩. ନିମ୍ନୋକ୍ତ କେଉଁଟି ଭାଷା ଆହରଣରେ ପିଲାମାନଙ୍କୁ ସାହାଯ୍ୟ କରିଥାଏ ?

କ. ଏକ ଗୃହ ପରିବେଶ ଯେଉଁଠି ପିଲା କହିବାକୁ ଅନୁମତି ପାଏନି

ଖ. ଅନ୍ୟପିଲାମାନଙ୍କ ସହ ଖେଳିବା

ଗ. ବୟସ୍କମାନଙ୍କ କଥା ଶୁଣିବା

ଘ. ପିଲାମାନଙ୍କୁ ଠିକ ବାକ୍ୟଗୁଡିକୁ ପୁନରାବୃତ୍ତି କରିବାକୁ କହିବା

ଙ. ପିଲାଯାହା କହେ ପୁନାରାବୃତ୍ତି କରିବା

ପୁନଶ୍ଚ ଏହା ପ୍ରମାଣିତ ଯେ ପିଲାମାନେ ଯେତେବେଳେ ନିର୍ଦ୍ଧାରିତ ସ୍ତର ଦେଇ ଅତିକ୍ରମ କରି ଭାଷା ଆହରଣ କରନ୍ତି ଓ ଏହି ସ୍ତରରେ ତ୍ରୁଟିମାନ କରନ୍ତି ସେମାନେ ବୟସ୍କମାନଙ୍କୁ ଅନୁକରଣ କରି ଭାଷା ଶିଖନ୍ତି ନାହିଁ ।

ଟିପ୍ପଣୀ

## ୩.୨.୩ ଭାଷା ଆହରଣର ପର୍ଯ୍ୟାୟ

ଭାଷା ଆହରଣ କରିବାର ପ୍ରାୟ ଅବ୍ଯବହୃତ ଭାବେ ପିଲାମାନେ ନିର୍ଦ୍ଧାରିତ ପର୍ଯ୍ୟାୟ ଦେଇ ଗତି କରନ୍ତି । ଗୋଟିଏ ନିର୍ଦ୍ଦିଷ୍ଟ ବୟସରେ ଭାଷା ଆହରଣ କ୍ଷେତ୍ରରେ ପିଲାମାନଙ୍କର ପହଞ୍ଚିବାର ପର୍ଯ୍ୟାୟ ଭିନ୍ନଭିନ୍ନ ହୋଇପାରେ, ତେବେ ପର୍ଯ୍ୟାୟଗୁଡିକର କ୍ରମ ସମାନ ରହେ ।

କୁ / ଗୁ ଧ୍ୱନୀ ପ୍ରକାଶ କରିବା (Cooing/Gooing)

ପ୍ରାୟ ଛଅ ସପ୍ତାହ ବୟସ୍କବେଳକୁ ପିଲାଟିଏ କୁ ଓ ଗୁ ଧ୍ୱନୀ ପ୍ରକାଶ କରିବା ଆରମ୍ଭ କରେ । ପ୍ରାରମ୍ଭିକ ସ୍ତରରେ ଏହି ଧ୍ୱନୀ ଗୁଡ଼ିକ ସ୍ୱରବର୍ଣ୍ଣର ସୂତ୍ରଧର ଅଟେ । ପ୍ରାୟ ଚାରି ମାସ ବୟସବେଳକୁ ଏଥିସହ ବ୍ୟଞ୍ଜନ ଧ୍ୱନୀଗୁଡ଼ିକ ଯୋଡି ହୋଇଥାଏ, ଯଥା କୁ ଉଉଉ, ଗୁଉଉଉ ଇତ୍ୟାଦି ।

**ଅସ୍ପଷ୍ଟ ଧ୍ୱନୀ ପ୍ରକାଶ କରିବା** (Babbing)

**ଛ**ଅ ମାସ ବୟସବେଳକୁ ଯେତେବେଳେ ପିଲାଟିଏ ସାଧାରଣତଃ ବସେ, ସେ ଅସ୍ପଷ୍ଟ ଧ୍ୱନୀ କହିବାକୁ ଆରମ୍ଭ କରେ । ଏହି କ୍ଷେତ୍ରରେ ସେ ବିସ୍ତୃତଭାବେ ଭିନ୍ନଭିନ୍ନ ଏକକ ସ୍ୱରବର୍ଣ୍ଣ ଓ ବ୍ୟଞ୍ଜନ ବର୍ଣ୍ଣ ମିଶାଇ ପ୍ରକାଶ କରେ ଯଥା ସ୍ୱରବଣ୍ଡ – ଗି ଗି ଗି, କା କା କା ମା ମା ମା ପା ପା ପା ମି ମି ମି ଇତ୍ୟାଦି । ନଅରୁ ଦଶମାସ ବୟସ ବେଳକୁ ଏହି ସ୍ୱର ଓ ବ୍ୟଞ୍ଜନ ବର୍ଣ୍ଣ ମିଶ୍ରଣରେ ପାର୍ଥକ୍ୟ ଦେଖାଯାଏ ଯଥା ବା-ବା ଗା-ଗା ଯାହା ପରବର୍ତ୍ତୀ କେତେକ ମାସ ଭିତରେ ଅଧିକତର ଜଟିଳ ହୋଇଥାଏ ଯେପରି ମିମ ମିମ ମା ଆସି । ଏହା ଆବେଗ ଓ ଗୁରୁତ୍ୱକୁ ପ୍ରକାଶ କରେ ଏବଂ ଚେଷ୍ଟିତ ଅନୁକରଣକୁ ଏଥିରେ ଯୋଡିଥାଏ ।

ପିଲାମାନେ ସେମାନଙ୍କ ସହ କଥା ହେଉଛନ୍ତି ବୋଲି ଏହା ପିତାମାତାଙ୍କୁ ଲାଗେ ଓ ସେମାନେ ଏଥିପ୍ରତି ବାରମ୍ବାର ପ୍ରତିକ୍ରିୟାଶୀଳ ହୋଇଥାନ୍ତି । ଏହା କେତେକ ପରିମାଣରେ ଭାଷାର ପ୍ରତିକ୍ରିୟାଶୀଳ ଭୂମିକା ସମ୍ପର୍କିତ ଅଭିଜ୍ଞତା ପିଲାମାନଙ୍କୁ ଦେଇଥାଏ ।

**ଏକ-ଶବ୍ଦ ପର୍ଯ୍ୟାୟ**

ପ୍ରାୟ ଏକବର୍ଷ ବୟସ ବେଳକୁ ପିଲାମାନେ ସେମାନଙ୍କର ପ୍ରଥମ ପରିଚିତ ଶବ୍ଦ ପ୍ରକାଶ କରନ୍ତି । ଏହି ଶବ୍ଦମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତି ଓ ବସ୍ତୁମାନଙ୍କର ନାମ ଅଟେ ଯାହା ସେମାନେ ନିଜ ପରିବେଶରେ ଦେଖନ୍ତି ଯଥା ମାଆ, ବାପା, ଭାଇ, ଭଉଣୀ, ଚଢେଇ, କଣ୍ଢେଇ । ଏହି କ୍ଷେତ୍ରରେ 'ନା', ସରିଗଲା, ଦେ ଇତ୍ୟାଦି ସାଧାରଣ ଶବ୍ଦ ମାନଙ୍କର ବ୍ୟବହାର ଦେଖାଯାଏ । ଏହି ସ୍ତର ମଧ୍ୟ ହୋଲୋଫ୍ରାଷ୍ଟିକ (ଅର୍ଥାତ ଯେଉଁଠି ଗୋଟିଏ ଶବ୍ଦର ଅର୍ଥ ବାକ୍ୟାଂଶ ବା ବାକ୍ୟ ଭଳି କାମ କରେ) ନାମରେ ବାରମ୍ବାର ସୂଚିତ ହୁଏ । ଉଦାହରଣ ସ୍ୱରୂପ ମୁଁ ପାଣି ଚାହେଁ କହିବା ପରିବର୍ତ୍ତେ ପିଲାଟି ମଧ୍ୟ କହିଥାଏ ମାମା (ପାଣି) ବସ୍ତୁତଃ ପିଲାଟିଏ ଅନେକ କଥାର ପ୍ରକାଶ ପାଇଁ ମାମା କହିଥାଏ ଓ ପିତାମାତା ମାନେ ଆନୁମାନିକ ଭାବେ ପ୍ରସଙ୍ଗକୁ ଆଧାର କରି ଏହାର ଅର୍ଥ ବୁଝିଥାନ୍ତି ।

ବୟସ୍କବ୍ୟକ୍ତିମାନଙ୍କ ତୁଳନାରେ ଅର୍ଥଗତ ସାଧାରଣୀକରଣ ଉପରେ ଅଧିକ ବା କମ ଗୁରୁତ୍ୱ ଏହି ପର୍ଯ୍ୟାୟରେ ପିଲାମାନଙ୍କ ତ୍ରୁଟିର କାରଣ ହୋଇଥାଏ । ଉଦାହରଣ ସ୍ୱରୂପ ଯଦି କୁକୁର ଶବ୍ଦଟିର ଅଧିକ ସାଧାରଣୀକରଣ ପିଲାଟିଏ କରିବ ତେବେ ଚାରିଗୋଡ ଥିବା ସବୁ ପଶୁଙ୍କୁ କୁକୁର ବୋଲି କହିବ । ଅନ୍ୟ ପକ୍ଷରେ ପିଲାଟିଏ ନିଜର ଖେଳନା ବତକକୁ କେବଳ ବତକ କହିଲେ ଏଠାରେ ନିମ୍ନ ସାଧାରଣୀ କରଣର ପ୍ରଭାବ ପଡିଲା ବୋଲି କୁହାଯିବ ।





## ଦୁଇ ଶବ୍ଦ ପର୍ଯ୍ୟାୟ

ପ୍ରାୟ ଦେଢବର୍ଷ ବୟସ ବେଳକୁ ପିଲାଟିର ସାଧାରଣତଃ କ୍ରିୟାଶୀଳ ପଚାଶ ଗୋଟି ଶବ୍ଦ ଆଧାରିତ ଏକ ଶବ୍ଦଭଣ୍ଡାର ଥାଏ । ଏହାକୁ ଯୋଡି ଦୁଇଶବ୍ଦ ଭିତ୍ତିକ ଉଚ୍ଚାରଣ କରିବା ଆରମ୍ଭ କରେ । ପ୍ରଥମ ଦୁଇ ଶବ୍ଦଭିତ୍ତିକ ଉଚ୍ଚାରଣ ଏକ ଶବ୍ଦଭିତ୍ତକ ଉଚ୍ଚାରଣ ଭଳି ଅର୍ଥ ପ୍ରକାଶ କରେ । ଯଥା ଦୁଧନା, ଖାଦ୍ୟ ନା, ଦୁଧ ସରିଗଲା, ଏବଂ ବଲ ଦେ ଏହି ପର୍ଯ୍ୟାୟର ଶେଷଭାଗରେ ପିଲାଟି ନୂଆ ଅର୍ଥଭିତ୍ତକ ଉଚ୍ଚାରଣ ଆରମ୍ଭ କରେ ମାଆ ଖାଇ (ମାଆ ମୁଁ ଭାତ ଖାଇବି), ଦିଦି ମାରି (ଦିଦି ମୋତେ ମାରିଲା), ବୁଲିଯିବି (ମୁଁ ବୁଲିଯିବି) ବାପା ଫୋନ (ବାପାଙ୍କର ଫୋନ), ଦୁଧ ପିଇବି (ମୁଁ ଦୁଧ ପିଇବି) । ଏହି ସ୍ତରରେ ପିଲାମାନଙ୍କ ଉଚ୍ଚାରଣ ସେମାନଙ୍କ ଚାରିପଟେ ବ୍ୟବହାର ହେଉଥିବା ବାକ୍ୟଗଠନ ସହ ସମାନ ।ଏକ କଥନକୁ ଟେଲିଗ୍ରାଫିକ  କଥନ ବୋଲି କୁହାଯାଏ କାରଣ ଏହା ଟେଲିଗ୍ରାଫର ଭାଷା ସହିତ ସାମଞ୍ଜସ୍ୟ ରହିଛି ଓ କେବଳ ଏଥିରେ ଦୁଧ, ମାମା, ଖାଦ୍ୟ, ବାପା, ମାରିବା, ଫୋନ ଭଳି ପ୍ରସଙ୍ଗ ଶବ୍ଦମାନ ବ୍ୟବହାର ହୋଇଥାଏ ଯାହା ଅର୍ଥପୂର୍ଣ୍ଣ ଅଟେ । କମ୍ ଗୁରୁତ୍ୱବହନ କରୁଥିବା ଶବ୍ଦ ଯଥା ଦେ ,ନା ଓ ବାକ୍ୟଶେଷ କରୁଥିବା ଶବ୍ଦଗୁଡିକୁ ବ୍ୟବହାର କରାଯାଏନି ।

ଏହି ପର୍ଯ୍ୟାୟରେ ମଧ୍ୟ ପିଲାମାନେ ଅନୁକରଣ କରନ୍ତି । ବୟସ୍କମାନେ ବ୍ୟବହାର କରୁଥିବା ବାକ୍ୟକୁ କହନ୍ତି ଓ ଗ୍ରହଣ କରନ୍ତି । ଉଦାହରଣ ସ୍ୱରୂପ ବାପା ଯାଉଛନ୍ତି ପାଇଁ ବାପା ଯା, ଆମେ ବୁଲିଯାଉଛୁ ପାଇଁ ବୁଲି ଯା ଇତ୍ୟାଦି ପିଲାଟିଏ କହିଥାଏ ।

## ଦୀର୍ଘ ଉଚ୍ଚାରଣ

ସମୟକ୍ରମେ ପିଲାମାନଙ୍କର ବାକ୍ୟର ଶବ୍ଦମାନଙ୍କର ଦୀର୍ଘତା ବୃଦ୍ଧିପାଏ ଓ ଦୁଇରୁ ଚାରିବର୍ଷ ମଧ୍ୟରେ ସେମାନେ ବିଭିନ୍ନ ବ୍ୟାକରଣ ଗତ ପ୍ରକାର ଆହରଣ କରିଥାନ୍ତି । ଏଠାରେ ଆଗ୍ରହପୂର୍ଣ୍ଣ କଥା ଏହିକି ଯେ ଅଧିକାଂଶ ପିଲା ମୋଟାମୋଟି ଭାଷାରେ ଗୋଟିଏ କ୍ରମରେ ଏହି ସବୁ ପ୍ରକାର ଗୁଡିକୁ ଆହରଣ କରନ୍ତି । ବ୍ରାଉନ, ଡିଭିଲାର୍ସ ଓ ଡିଭିଲାର୍ସ ୧୯୭୩ ମସିହାରେ ଗୃହଭାଷା ଇଂରାଜୀ ଥିବା ପିଲାଙ୍କୁ ନେଇ ଗବେଷଣା କରିଥିଲେ । କେତେକ ବ୍ୟାକରଣଗତ ପ୍ରୟୋଗକୁ ପିଲାମାନେ ଶୀଘ୍ର ଆହରଣ କରନ୍ତି ଓ ଆଉ କେତେକକୁ ଡେରିରେ କରନ୍ତି । କାର୍ଯ୍ୟ ଚାଲୁଥିବା କ୍ରିୟାପଦ ଯଥା ମୁଁ ଗାଉଛି ଓ ବହୁବଚନର ବ୍ୟବହାର - ଯୋତାଗୁଡିକ, କୁକୁର ଗୁଡିକ ଇତ୍ୟାଦି ପିଲାଟି ବହୁଆଗରୁ ଆହରଣ କରିଥାଏ  ସେ ମଧ୍ୟ ଅତୀତ କାଳର ଅନିୟମିତତା କ୍ରିୟା ଯଥା କହିଲା, ଖାଇଲା, ଆସିଲା, ବାଲା ଦେଖିଲା ଇତ୍ୟାଦିକୁ ନିୟମିତ କ୍ରିୟା ଭଲପାଇଲା, ଖେଳିଲା, କାମକଲା ଇତ୍ୟାଦିଠାରୁ ଶୀଘ୍ର ଆହରଣ କରିଥାଏ । ଅତୀତକାଳର ଭାଷା ଆହରଣ କଥାକୁ ଆମେ ଅନୁଧ୍ୟାନ କଲେ ଜାଣିପାରିବା ଯେ ନିୟମିତ ଅତୀତକାଳ ଦ୍ୱାରା ପିଲାଟି ପୂର୍ବରୁ ହାସଲ କରିଥିବା ଅନିୟମିତ ଅତୀତକାଳର କ୍ରିୟାପଦକୁ ପରିବର୍ତ୍ତନ କରିଥାଏ ।

ଏଥିରୁ ସ୍ପଷ୍ଟ ପ୍ରତୀୟମାନ ଯେ ବିଭିନ୍ନ ପର୍ଯ୍ୟାୟରେ ପିଲା ଆଗକୁ ପଛକୁ ଯାଇ ଓ ସାମଞ୍ଜସ୍ୟ ନିରୂପଣ କରି ଭାଷା ଶିଖେ । ତେଣୁ ଭାଷା ଶିକ୍ଷଣ ଏକ ସିଧାସଳଖ ପ୍ରକ୍ରିୟା ବା ସହଜ ଅନୁକରଣ ନୁହେଁ **ଯେଉଁଥିରେ** ଭାଷାରେ ପାରଦର୍ଶିତା ହାସଲ କରିହେବ ।

ଶେଷରେ କୁହାଯାଇପାରିବ ଯେ ପିଲାଟି କହିବାକୁ ଆରମ୍ଭ କରିବା ସମୟରୁ ହିଁ ସେ କହୁଥିବା ଭାଷାର ନିୟମ ଅଛି ବୋଲି ସଚେତନ ହୋଇଥାଏ । ଶୁଦ୍ଧଭାବେ କହିବାକୁ ଶିଖିବା ସମୟରେ କରୁଥିବା ତ୍ରୁଟିଗୁଡିକ ଏହାର ପ୍ରମାଣ ଯାହା ପିଲାଟି ଏହି ନିୟମଗୁଡିକୁ ଆହରଣ କରିବା ନିମିତ୍ତ ଚେଷ୍ଟିତ



ଟିପ୍ପଣୀ

ବୋଲି ସୂଚିତ କରେ । କୌଣସି ସମୟରେ ତାର ଭାଷା ବିଶୃଙ୍ଖଳିତ ଶବ୍ଦର ସମାହାର ନୁହେଁ । ଯଦିଓ ଏହା ଜଣେ ବୟସ୍କ ଠାରୁ ପୃଥକ ତଥାପି ଏହା ନିୟମ ଆଧାରିତ ଅଟେ । ଏଠାରେ ଉଲ୍ଲେଖ କରିବା ଗୁରୁତ୍ୱପୂର୍ଣ୍ଣ ଅଟେ ଯେ ଗୋଟିଏ ପିଲା ବିଭିନ୍ନ ଭାଷା ଆହରଣ ନିମିତ୍ତ ସୁଯୋଗ ପାଇଥିଲେ ତୁଳନାତ୍ମକ ଭାବେ ସେ ସବୁଭାଷାର ଏକ ସମିଶ୍ରିତ ଜଟିଳ ପ୍ରକାଶ କରିବ । କିନ୍ତୁ ସେ ସବୁ ନିୟମ ଆଧାରିତ ହୋଇଥାଏ ।

**ପ୍ରଶ୍ନ ସମୀକ୍ଷା**

୧. କେଉଁ ପର୍ଯ୍ୟାୟରେ ପିଲାମାନେ ଅଧିକ ସାଧାରଣୀକରଣ କରନ୍ତି ?

କ. କୁକୁ ଧ୍ୱନୀ ପ୍ରକାଶ କରିବା — ଖ. ଅସ୍ପଷ୍ଟ ଧ୍ୱନୀ ପ୍ରକାଶ କରିବା

ଗ. ଏକ-ଶବ୍ଦ ପର୍ଯ୍ୟାୟ — ଘ. ଦୁଇ-ଶବ୍ଦ ପର୍ଯ୍ୟାୟ

୨. ଟେଲିଗ୍ରାଫିକ କଥନ କଣ ?

୩. ଏକ ଶବ୍ଦ ପର୍ଯ୍ୟାୟରେ ପିଲାମାନେ କହୁଥିବା ଶବ୍ଦଗୁଡିକୁ ଚିନ୍ତା କରନ୍ତୁ ଓ ନିଜ ଅଭିଜ୍ଞତାରୁ ଲେଖନ୍ତୁ ।

୪. ତିନିବର୍ଷ ବୟସର ପିଲାଟିଏ ଶବ୍ଦ ଶିଖିବା ସମୟରେ କରୁଥିବା ଅଧିକ ସାଧାରଣୀକରଣର ଉଦାହରଣ ନିଜ ଅଭିଜ୍ଞତାରୁ ଦିଅନ୍ତୁ ।

୫. ଯେଉଁ ପିଲାଟିର ଗୃହଭାଷା ଇଂରାଜୀ ସେ ବହୁବଚନ ଶିଖିବା ସମୟରେ ନିମ୍ନଲିଖିତ ପର୍ଯ୍ୟାୟ ଦେଇ ଗତିକରେ । ପ୍ରଥମେ ଅନିୟମିତ ବହୁବଚନ ଯଥା foot-feet, man-men etc.

* ପରେ ନିୟମିତ ବହୁବଚନ ଯଥା ବିଲେଇଗୁଡିକ (Cat) ଓ ବ୍ୟାଗଗୁଡିକ (Bags) ଆହରଣ କରେ

* ପାଦ (Foot) ଓ ମଣିଷ (Man) କୁ ଯଥାକ୍ରମେ ପାଦଗୁଡିକ (Feets) ଓ ମଣିଷମାନେ () ରୂପେ ବହୁବଚନ କରିବାକୁ ସେ ଅଧିକ ସାଧାରଣୀକରଣ କରେ ।

* ଘଟଣାକ୍ରମେ ଅଧିକ ସାଧାରଣୀକରଣ ବହୁବଚନ ସଂଶୋଧିତ ହୋଇଥାଏ ଓ ଶିକ୍ଷାର୍ଥୀ ପାଦ (Foot) ଓ ମଣିଷ (Man) କୁ ଯଥାକ୍ରମେ ପାଦଗୁଡିକ (Feets) ଓ ମଣିଷମାନେ (Men) ରୂପେ ବହୁବଚନରେ ରୂପାନ୍ତରିତ କରେ ।

ପିଲାମାନେ କିପରି ଭାଷା ଶିଖନ୍ତି ସମ୍ପର୍କରେ ଏହା ଆପଣଙ୍କୁ କ'ଣ କରେ ?

## ୩.୩ ଦ୍ୱିତୀୟ ଭାଷା ଆହରଣ ଶିକ୍ଷଣ

ବିଦ୍ୟାଳୟକୁ ଆସିବାବେଳକୁ ପିଲାମାନେ ସେମାନଙ୍କ ଘର ଭାଷାରେ ଅନର୍ଗଳଭାବେ କଥା କହିଥାନ୍ତି । କେତେକଙ୍କ ପାଇଁ ସେମାନଙ୍କ ଘର ଭାଷା ବିଦ୍ୟାଳୟ ଶିକ୍ଷାଦାନର ମାଧ୍ୟମ ହୋଇଥାଏ । କିନ୍ତୁ ଅନେକଙ୍କ ପାଇଁ ଶିକ୍ଷାଦାନର ମାଧ୍ୟମ ନୂଆ ଅଟେ । ଉଦାହରଣ ସ୍ୱରୂପ ବିହାରର ପିଲାଟିଏ ଘରେ ଭୋଜପୁରୀ ବା ମୈଥିଳି କହୁଥିବା ବେଳେ ବିଦ୍ୟାଳୟର ମାଧ୍ୟମ ହିନ୍ଦୀ ହୋଇଥାଏ ବା ବେଙ୍ଗଲର ପିଲାଟିଏ ଘରେ ସାନ୍ତାଳୀ ବା ନେପାଳୀ କହୁଥିବା ବେଳେ ବିଦ୍ୟାଳୟରେ ବେଙ୍ଗଲୀ ଭାଷାକୁ ସାମନା କରେ । ଉଭୟ ସ୍ଥିତିରେ ଜଣେ ପିଲା ମଧ୍ୟ ବିଦ୍ୟାଳୟର ପ୍ରାଥମିକ ଶ୍ରେଣୀରେ ଇଂରାଜୀ ଶିଖିବା ଆବଶ୍ୟକ । ହିନ୍ଦୀ, ବେଙ୍ଗଲୀ ଓ ଇଂରାଜୀ ଏହି ପିଲାମାନଙ୍କ ପାଇଁ ଦ୍ୱିତୀୟ ଭାଷା ଅଟେ ।

ଉପରୋକ୍ତ ପରିପ୍ରେକ୍ଷୀରେ ଦ୍ୱିତୀୟ ଭାଷା ଆହରଣ ପିଲାମାନଙ୍କ ପାଇଁ ଆହ୍ୱାନପୂର୍ଣ୍ଣ କାରଣ ପିଲାମାନେ ସେମାନଙ୍କ ଘର ପରିବେଶରେ ସମ୍ପୂର୍ଣ୍ଣରୂପେ ଏହି ଭାଷାକୁ ସାମନା କରନ୍ତି ନାହିଁ ବା ଖୁବ୍ କମ୍ କ୍ଷେତ୍ରରେ ଦେଖନ୍ତି । ପିଲାମାନେ ମଧ୍ୟ ଦ୍ୱିତୀୟ ଭାଷା ନିମନ୍ତେ ବିଦ୍ୟାଳୟରେ ଅତି କମ୍ ସୁଯୋଗ ପାଆନ୍ତି ଓ ଅନେକ ସମୟରେ ଶିକ୍ଷକ ମଧ୍ୟ ଏହି ଭାଷା ସହିତ ପରିଚିତ ନଥାନ୍ତି । ପିଲାମାନେ ସେମାନଙ୍କ ପ୍ରଥମ ଭାଷା ଭଳି ଦ୍ୱିତୀୟ ଭାଷାକୁ ଆହରଣ କରିପାରିବେ ଏହି ସମ୍ପର୍କରେ ଆମେ ଆଲୋଚନା ନେବା । ଏହି କ୍ରମରେ ଶ୍ରେଣୀରେ ଦ୍ୱିତୀୟ ଭାଷା ଆହରଣକୁ ପ୍ରଭାବିତ କରୁଥିବା ଉପାଦାନ ଗୁଡିକ ସମ୍ପର୍କରେ ଆମେ ଆଲୋଚନା କରିବା । ଦ୍ୱିତୀୟ ଭାଷାରେ ଶିକ୍ଷଣର ଭୂମିକା ସମ୍ପର୍କରେ ମଧ୍ୟ ଆମେ ଆଲୋଚନା କରିବା । ପିଲାମାନେ ଶିଖିଥିବା ଭାଷା ସେମାନଙ୍କ ଦ୍ୱିତୀୟ ଭାଷା ଶିକ୍ଷଣରେ ହସ୍ତକ୍ଷେପ କରେ ଏହି ସାଧାରଣ ବିଶ୍ୱାସକୁ ଆମେ ନିର୍ଣ୍ଣାୟକ ପରୀକ୍ଷଣ କରି ଆଲୋଚନାକୁ ସମାନ କରିବା ।

## ୩.୩.୧ ପ୍ରଥମ ଭାଷା ପରି ଦ୍ୱିତୀୟ ଭାଷା ଆହରଣ କରାଯାଇପାରିବ କି ?

ଏହି ପ୍ରଶ୍ନର ଉତ୍ତର ଦେବା ପୂର୍ବରୁ ଆସନ୍ତୁ ଭାଷା ଆହରଣ 'ଭାଷା ଶିକ୍ଷଣ' ମଧ୍ୟରେ ଥିବା ପାର୍ଥକ୍ୟକୁ ଆଲୋଚନା କରିବା

ଉପଲବ୍ଧ ସ୍ୱାଭାବିକ ଯୋଗାଯୋଗଭିତ୍ତିକ ପରିସ୍ଥିତିର ବିନିଯୋଗ କରି ଭାଷାରେ ସାମର୍ଥ୍ୟ ବିକାଶ କରିବା ଭାଷା ଆହରଣକୁ ସୂଚିତ କରିଥାଏ । ଭାଷା ଶିକ୍ଷଣରେ ଆମେ ଘର ଓ ପଡିଶାକୁ ଶୁଣିଥାଉ । ଅନ୍ୟପକ୍ଷରେ ଶ୍ରେଣୀ ପରିବେଶରେ ଭାଷାର ନିୟମ ଓ ଶବ୍ଦଭଣ୍ଡାର ଆଦିକୁ ବିସ୍ତୃତ ଶିକ୍ଷାଦାନ ମାଧ୍ୟମରେ ଶିଶୁ ଦକ୍ଷତା ବିକାଶ କରିବା ଭାଷା ଶିକ୍ଷକଙ୍କୁ ସୂଚିତ କରେ ।

ଦ୍ୱିତୀୟ ଭାଷାରେ ଦକ୍ଷତା ବିକାଶ ନିମିତ୍ତ କ୍ରାସେନ ଦୁଇଟି ଉପାୟ କଥା କହିଛନ୍ତି ଯାହା:

ଭାଷା ଆହରଣ ଏକ ପ୍ରକ୍ରିୟା ଯାହା ପିଲାମାନଙ୍କର ପ୍ରଥମ ଭାଷାରେ ସାମର୍ଥ୍ୟ ବିକାଶର ଉପାୟସହ ସମାନ ଯଦିଓ ସର୍ବସମ ନୁହେଁ ଭାଷା ଆହରଣ ଏକ ଅବଚେତନ ପ୍ରକ୍ରିୟା । ଭାଷା ଆହରଣ କରୁଥିବା ବ୍ୟକ୍ତି ଜାଣନ୍ତି ନାହିଁ ଯେ ସେମାନେ ଭାଷା ଆହରଣ କରୁଛନ୍ତି କିନ୍ତୁ ସେମାନେ କେବଳ ଏତିକି ସଚେତନ ଥାଆନ୍ତି ଯେ ସେମାନେ ଯୋଗାଯୋଗ ନିମିତ୍ତ ଭାଷା ବ୍ୟବହାର କରୁଛନ୍ତି । ଆମେ ସାଧାରଣଭାବେ କହୁଥିବା ଭାଷାର ନିୟମଗୁଡିକ ସମ୍ପର୍କରେ ସଚେତନ । ଶୁଦ୍ଧତା ସମ୍ପର୍କରେ ଆମର ଏକ ଅନୁଭବ ଅଛି । ବ୍ୟାକରଣ ଦୃଷ୍ଟିରୁ ବାକ୍ୟଗୁଡିକ ଠିକ ଶୁଣାଯାଏ ଓ ଅନୁଭବ କରିହୁଏ ଓ ଅଶୁଦ୍ଧବାକ୍ୟ ଗୁଡିକ ଭୁଲବୋଲି ଅନୁଭବ କରିହୁଏ ଯଦିଓ କେଉଁ ନିୟମର ବ୍ୟତିକ୍ରମ ଘଟିଛି ତାହା ବିଷୟରେ ଆମେ ସଚେତନ ନୁହେଁ । ଅନ୍ୟପକ୍ଷରେ ଭାଷା ଆହରଣ ବର୍ଣ୍ଣନା ଅପ୍ରକାଶିତ ଶିକ୍ଷଣ, ଅନୌପଚାରିକ ଶିକ୍ଷଣ ଓ ସ୍ୱାଭାବିକ ଶିକ୍ଷଣକୁ ସମିଶ୍ରିତ କରିଥାଏ । ଅଣପ୍ରାୟୋଗିକ ଭାଷାରେ ଆହରଣ ଭାଷାକୁ ଗ୍ରହଣ କରିବାକୁ ସୂଚିତ କରେ ।

ଦ୍ୱିତୀୟ ଉପାୟ ହେଉଛି ଭାଷା ଶିକ୍ଷଣ ଦ୍ୱାରା ଦ୍ୱିତୀୟ ଭାଷାରେ ଦକ୍ଷତା ବିକାଶ କରିବା । ଏଠାରେ ଶିକ୍ଷଣ ଶବ୍ଦ ଦ୍ୱିତୀୟ ଭାଷା ସମ୍ପର୍କରେ ସଚେତନ ହୋଇ ଜ୍ଞାନ ଆହରଣ କରିବାକୁ ସୂଚିତ କରେ ଯଥା ନିୟମ ଜାଣିବା, ସେ ବିଷୟରେ ସଚେତନ ହେବା ଓ ସେ ସମ୍ପର୍କରେ କହିବା ପାଇଁ ସକ୍ଷମ ହେବା । ଅଣପ୍ରାୟୋଗିକ ଭାବରେ କହିଲେ ଶିକ୍ଷଣ ଏକ ଭାଷା ସମ୍ପର୍କରେ ଜାଣିବାକୁ ବୁଝାଏ ଯାହା ଅଧିକାଂଶ

ବ୍ୟକ୍ତିକୁ ବ୍ୟାକରଣ ବା ନିୟମ ଭାବେ ଜଣାଥାଏ । କେତେକ ପ୍ରତିଶବ୍ଦ ଭାଷା ସମ୍ପର୍କିତ ଔପଚାରିକ ଜ୍ଞାନ ବା ବିକଶିତ ଶିକ୍ଷଣକୁ ଯୋଡିଥାଏ । (କ୍ରାସେନ ୧୯୮୨)

ଆମେ ପ୍ରଥମ ଭାଗରେ ଦେଖିଛେ ଯେ ପିଲାମାନଙ୍କର ଭାଷା ଆହରଣ ନିମିତ୍ତ ପ୍ରଚୁର ସାମର୍ଥ୍ୟ ରହିଛି । ହୋମନା ଅନେକ ଭାଷା ଗ୍ରହଣ କରିପାରିଲା ଭଳି, ବହୁତ ପିଲା ଅତି କମରେ ଦୁଇଟି ଭାଷା ସେମାନଙ୍କର ପିଲାଦିନେ ଗୃହ ପରିବେଶରୁ ଶିଖିଥାନ୍ତି । ଯାହା ସେମାନଙ୍କ ସ୍ୱାଭାବିକ ପରିବେଶର ସୁବିଧା ଯୋଗୁ ଘଟିଥାଏ । ଯଦି ଆମେ ପିଲାର ଭାଷା ଆହରଣ ନିମିତ୍ତପ୍ରଚୁର ସାମର୍ଥ୍ୟ ଥିବା କଥା ବିଚାରକୁ ନେବା ତେବେ ସ୍ୱାଭାବିକ ଦୈନନ୍ଦିନ ସୁଯୋଗ ଦେବା ପର୍ଯ୍ୟନ୍ତ ପିଲାଟି ଏହାର ବିନିଯୋଗ କରିପାରିବ । ପର୍ଯ୍ୟାପ୍ତ ସୁଯୋଗ ଯୋଗାଇ ଦେଉଥିବା ଭଳି ଏକ ପରିବେଶରେ ଦ୍ୱିତୀୟ ପିଲାଟି ମଧ୍ୟ ଦ୍ୱିତୀୟ ଭାଷା ଆହରଣ କରିପାରିବ ।  ପରିବାର ସହ ନିଜଦେଶ ଛାଡି ବିଦେଶରେ ରହୁଥିବା ପିଲାମାନଙ୍କ ଉଦାହରଣରୁ ଆମେ ସ୍ପଷ୍ଟଭାବେ ଏହା ଦେଖିପାରିବା । ଉଦାହରଣସ୍ୱରୂପ ଆମେରିକାରରେ ବସବାସ କରିବାକୁ ହିନ୍ଦୀ କହୁଥିବା ଯେଉଁ ପିଲାମାନେ ଭାରତ ଛାଡନ୍ତି ସେମାନେ ବିଦ୍ୟାଳୟ ସ୍ତରର ଇଂରାଜୀ ଆହରଣ କରନ୍ତି ଯେଉଁଠାରେ ସେମାନେ ଏହି ଭାଷା ଶୁଣନ୍ତି ଓ ସେମାନଙ୍କ ସହପାଠୀ ତଥା ଶିକ୍ଷକମାନଙ୍କ ସହ କ୍ରିୟା ପ୍ରତିକ୍ରିୟା କରିଥାନ୍ତି । ସେହିପରି ମଧ୍ୟ ବଜାର ଓ ଟେଲିଭିଜନ ଭଳି ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ସେମାନେ ପ୍ରତିକ୍ରିୟା ପ୍ରକାଶ କରିଥାନ୍ତି । ଯେଉଁଭଳି ଭାବେ ଦ୍ୱିତୀୟ ଭାଷା ନିମିତ୍ତ ସୁଯୋଗ ସମୃଦ୍ଧ ହେବ ସେହି ଅନୁପାତରେ ଭାଷା ଶିକ୍ଷଣର ସମ୍ଭାବନା ଅଧିକ ହେବ ।

ତେବେ ଦ୍ୱିତୀୟ ଭାଷା ଆହରଣରେ ପିଲାମାନଙ୍କୁ ସହାୟତା କରିବା ଶିକ୍ଷକଙ୍କ ପାଇଁ ଏକ ଆହ୍ୱାନ । ପ୍ରଥମ ଭାଷା ପାଇଁ ମିଳୁଥିବା ସମୃଦ୍ଧ ପରିବେଶ ଦ୍ୱିତୀୟ ଭାଷା ପାଇଁ ପ୍ରାୟତଃ ମିଳେ ନାହିଁ । ଇଂରାଜୀ ଭଳି ଭାଷା ନିମିତ୍ତ ଭାରତର ବିଦ୍ୟାଳୟମାନଙ୍କରେ ସୁଯୋଗ ଗୋଟିଏ ଦିନରେ ତିରିଶି ମିନିଟ ବା ତା'ଠାରୁ କମରେ ସୀମିତ । ଶିକ୍ଷକ ମଧ୍ୟ ଏହି ଭାଷାରେ ଜଣେ ଅନର୍ଗଳ ବକ୍ତା ନୁହଁନ୍ତି ଯଦିଓ ପରିବେଶର ଅଧିକ ଆବଶ୍ୟକତା ରହିଛି ।

## ୩.୩.୨. ପିଲାମାନଙ୍କୁ ସେମାନଙ୍କ ଦ୍ୱିତୀୟଭାଷା ଆହରଣରେ ଆମେ କିପରି ସାହାଯ୍ୟ କରିପାରିବ ।

ଯଦିଓ ଆହ୍ୱାନମୂଳକ, ଏହାର ଉତ୍ତରର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ସ୍ୱରୂପ କୁହାଯାଇପାରିବ ଯେ ପ୍ରଥମ ଭାଷା ନିମିତ୍ତ ମିଳୁଥିବା ଗୃହ ପରିବେଶ ଭଳି ସମୃଦ୍ଧ ପରିବେଶ ଦ୍ୱିତୀୟ ଭାଷା ପାଇଁ ଆବଶ୍ୟକ । କ୍ରେସନଙ୍କ ଭାଷାରେ ପିଲାମାନେ ଦ୍ୱିତୀୟ ଭାଷାରେ ବୋଧଗମ୍ୟ ନିବେଶ ଚାହାଁନ୍ତି ।  ବୋଧଗମ୍ୟ ନିବେଶ ଅର୍ଥ ପିଲାମାନଙ୍କର ବୁଝିବାର ସାମର୍ଥ୍ୟ ଅନୁଯାୟୀ ଭାଷାକୁ ବ୍ୟବହାର କରିବା ଓ ସେମାନଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିବା । ଭାଷାକୁ ବୋଧଗମ୍ୟ କରିବାକୁ ହେଲେ ସ୍ୱାଭାବିକ ଓ ଯୋଗାଯୋଗଭିତ୍ତିକ ପରିବେଶ ଯୋଗାଇବା ଯାହା ପିଲାମାନଙ୍କ ପାଇଁ ଅର୍ଥପୂର୍ଣ୍ଣ ହେବ ଓ ଆହ୍ୱାନର ସମ୍ମୁଖୀନ ହେବାପାଇଁ ସାହାଯ୍ୟ କରିବ । କଳାପଟାକୁ ପୋଛ, ପେନସିଲକୁ ଉଠାଅ, ସୂଚନାଫର୍ଦ୍ଦକୁ ପଢ ଭଳି ସୂଚନା ଶିକ୍ଷକ ପିଲାମାନଙ୍କୁ ଦେଇପାରିବେ ଯେଉଁଠି ପ୍ରସଙ୍ଗ ଓ ଶିକ୍ଷକଙ୍କ କାର୍ଯ୍ୟ ତଥା ପ୍ରଦର୍ଶନ କଳାପଟା, ପେନସିଲ, ତଥ୍ୟଫର୍ଦ୍ଦକୁ ଭଳି ଜାଣିଥିବା ଶବ୍ଦକୁ ନେଇ ପିଲା ଅର୍ଥବାହାର କରିପାରିବାରେ ସାହାଯ୍ୟ କରିବ । ତେଣୁ ଏଠାରେ ଶିକ୍ଷକ

ସୂଚନା ଆକାରରେ ବୋଧଗମ୍ୟ ନିବେଶ ପ୍ରଦାନ କରିବେ ଯେଉଁ ଶବ୍ଦ ଗୁଡିକ ସହିତ ପିଲାମାନେ ପରିଚିତ । ଏଥି ସହିତ ଯେଉଁ ପ୍ରସଙ୍ଗରେ ଏହା ଦିଆଯାଇଥିଲା ସେଥିରେ ସୂଚନା ବୁଝିବାର ଆହ୍ୱାନକୁ ପିଲାମାନେ ସାମନା କରିପାରିବେ । ପାରମ୍ପରିକ ଦ୍ୱିତୀୟ ଭାଷା ଶିକ୍ଷାଦାନ ପନ୍ଥା ଯେଉଁଥିରେ ଶିକ୍ଷାର୍ଥୀକୁ ପ୍ରଥମେ ଗଠନ/ ବ୍ୟାକରଣ ନିୟମ ଗୁଡିକୁ ଶିଖିବାକୁ ହୋଇଥାଏ ଓ ପରେ ଯୋଗାଯୋଗରେ ଏହାର ଅଭ୍ୟାସ କରାଯାଏ । ଏହିଭଳି ନହୋଇ ଦ୍ୱିତୀୟ ଭାଷା ଆହରଣ ଅର୍ଥରୁ ଗଠନ ଆଡକୁ ଅଗ୍ରସର ହୋଇଥାଏ ।

କ୍ରିସେନ ସ୍ପଷ୍ଟ ଭାବେ ସୂଚିତ କରନ୍ତି ଯେ ବାକଚାତୁରୀ ସିଧାସଳଖ ଭାବେ ଶିଖା ଯାଇପାରିବ ନାହିଁ ବରଂ ଏହା ଆପେ ଆପେ ସମୟକ୍ରମେ ସଂଗଠିତ ହୋଇଥାଏ । ସବୁଠାରୁ ଭଲ ଉପାୟ ବୋଧହୁଏ ଏକମାତ୍ର ଉପାୟ ହେଉଛି ଏହି ଉପାୟରେ କଥନ ଶିକ୍ଷାଦାନ ନିମିତ୍ତ ବୋଧଗମ୍ୟ ନିବେଶ ପ୍ରଦାନ କରିବା । ଯେତେବେଳେ ପିଲାଟି ଆହରଣ କରିବାକୁ ପ୍ରସ୍ତୁତ ସେତେବେଳେ ପାରମ୍ଭିକ କଥନ ଆସିବ । ଏହି ପ୍ରକାର ପ୍ରସ୍ତୁତି ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ପିଲାମାନଙ୍କର ହୋଇଥାଏ । ତେବେ ପ୍ରାରମ୍ଭିକ କଥନ ବ୍ୟାକରଣ ଦୃଷ୍ଟିରୁ ନିର୍ଭୂଲ ନହୋଇ ଏକ ନିର୍ଦ୍ଦିଷ୍ଟ ପ୍ରକାରର ହୋଇଥାଏ । ଗ୍ରହଣକାରୀ ଶୁଣିବା ଓ ବୁଝିବାର ଅଧିକ ନିବେଶ ଆବଶ୍ୟକ କରୁଥିବାରୁ ନିର୍ଭୂଲ କଥନର ବିକାଶ ନିମିତ୍ତ ଅଧିକ ସମୟ ଆବଶ୍ୟକ । (କ୍ରାସେନ୍ ୧୯୮୨: ୨୨)

ବୋଧଗମ୍ୟ ନିବେଶର ଆବଶ୍ୟକତା ବ୍ୟତୀତ ଆଉ ଅନେକ ଉପାଦାନ ମଧ୍ୟ ଦ୍ୱିତୀୟ ଭାଷା ଆହରଣକୁ ପ୍ରଭାବିତ କରିଥାଏ । ଉଦ୍ଦିଷ୍ଟ ଭାଷାକୁ ଶିଖିବା ପାଇଁ ପିଲାଙ୍କ ଅଭିପ୍ରେରଣ , ସେମାନଙ୍କ ଆତ୍ମବିଶ୍ୱାସ, ସେମାନଙ୍କ ଉତ୍ସାହ/ଉତ୍କଣ୍ଠା ଓ ସେମାନଙ୍କ ମାନବିକତା ଆଦି ସମସ୍ତ ଭାଷା ଶିକ୍ଷଣକୁ ପ୍ରଭାବିତ କରେ । ଏହି ଉପାଦାନ ଗୁଡିକ ଦ୍ୱିତୀୟ ଭାଷା ଶିକ୍ଷଣକୁ ପ୍ରତିରୋଧ ବା ଉତ୍ସାହିତ କରିପାରିବ ।

ଅନେକ ଗବେଷଣା ଦର୍ଶାଇଛି କରିଛି ଯେ ବୋଧଗମ୍ୟ ନିବେଶ ଯୋଗାଇ ଦିଆଯାଇଥିଲେ ମଧ୍ୟ ନିମ୍ନମାନରେ ଅଭିପ୍ରେରଣା, ଆତ୍ମବିଶ୍ୱାସ, ଉତ୍ସାହ ହେତୁ ଉଦ୍ଦିଷ୍ଟ ଭାଷାରେ ବ୍ୟକ୍ତି ବିଶେଷ ଅକୃତ କାର୍ଯ୍ୟ ହୋଇଛନ୍ତି । ସାଧାରଣ ଭାବେ ଶିକ୍ଷାର୍ଥୀର ଉଚ୍ଚ ଆକାଂକ୍ଷାସ୍ତର ଥିଲେ ଭାଷା ଶିକ୍ଷଣ ପ୍ରକ୍ରିୟା ଧୀର ହୋଇପାରେ । ଯେତେବେଳେ ଶିକ୍ଷକଙ୍କର ଶିକ୍ଷାର୍ଥୀମାନଙ୍କ ଅଭିପ୍ରେରଣା, ଆତ୍ମବିଶ୍ୱାସ ଓ ମନୋବୃତ୍ତି ଉପରେ ନିୟନ୍ତ୍ରଣ ନଥାଏ ସେ ଶ୍ରେଣୀର ବୋଧଗମ୍ୟ ନିବେଶ ପ୍ରଦାନ କରିବା ଉଚିତ୍ ଏବଂ ଏପରି ଏକ ପରିବେଶ ସୃଷ୍ଟି କରିବା ଉଚିତ୍ ଯେଉଁ ଶିକ୍ଷାର୍ଥି ମାନେ ବିନାଦ୍ୱିଧା ଓ ବିନାଭୟରେ ଶିଖିପାରିବେ । କ୍ରାସେନଙ୍କ ଅନୁସାରେ ଫଳପ୍ରଦ ଭାଷା ଶିକ୍ଷକ ଜଣେ ଯେ'କି ନିମ୍ନ ଉତ୍କଣ୍ଠିତ ପରିସ୍ଥିତିରେ ଭାଷା ଶକ୍ଷଣକୁ ବୋଧଗମ୍ୟ କରିବା ପାଇଁ ନିବେଶ ଓ ସହାୟତା ଯୋଗାଇ ଦେଇ ପାରିବେ । (କ୍ରାସେନ ୧୯୮୨)

## ୩.୩.୩-ଦ୍ୱିତୀୟ ଭାଷାରେ ଦକ୍ଷତା ବିକାଶ ନିମିତ୍ତ ଶିକ୍ଷଣର କଣ ଭୂମିକା ରହିଛି ?

ଭାଷାର ନିୟମ ଶିଖିବା ଭାଷା ଆହରଣ ପ୍ରକ୍ରିୟାର ଏକ ବଦଳ ବ୍ୟବସ୍ଥା ନୁହେଁ ଯାହା ଶିକ୍ଷାର୍ଥ ମାନଙ୍କୁ ଉକ୍ତ ଭାଷାରେ ଜଣେ ଜଣେ ଅନର୍ଗଳ ବକ୍ତା ହେବାକୁ ସାହାଯ୍ୟ କରିବ ତେବେ ଏହା ଶିକ୍ଷାର୍ଥୀ ମାନଙ୍କୁ ସେମାନଙ୍କ ଅଗ୍ରଗତିରେ ତଦାରଖ ନିମିତ୍ତ ସାହାଯ୍ୟ କରିପାରିବ ଯେପରି ସେମାନେ ଠିକ୍ ଭାବରେ ଲେଖିଛନ୍ତି ବା କହୁଛନ୍ତି କି ନାହିଁ । କ୍ରାସେନଙ୍କ ମତରେ ସାଧାରଣତଃ ଦ୍ୱିତୀୟ ଭାଷାରେ ଆହରଣ ଆମ ଉଚ୍ଚାରଣକୁ ଆରମ୍ଭ କରେ ଓ ଆମର ବାକପଟୁତାର ଦାୟିତ୍ୱ ବହନ କରେ । ତଦାରଖକାରୀ ବା ସଂପାଦକ



ଟିପ୍ପଣୀ

ଭାବେ ଶିକ୍ଷଣର କେବଳ ଗୋଟିଏ କାର୍ଯ୍ୟ ରହିଛି । ଆହରଣ ବ୍ୟବସ୍ଥା ଦ୍ୱାରା ସୃଷ୍ଟି ହେବା ପରେ ଆମ ଉଚାରଣରେ କେବଳ ପରିବର୍ତ୍ତନ କରିବା ପାଇଁ ଶିକ୍ଷଣ ଖେଳରେ ପରିଣତ ହୁଏ । ଏହା ଆମ କହିବା ବା ଲେଖିବା ପୂର୍ବରୁ ବା ଆମ୍ ସଂଶୋଧନ ପରେ ସଂଗଠିତ ହୋଇଥାଏ । (କ୍ରାସେନ୍ ,୧୯୮୨.୧୫) ଏଠାରେ କହିବା ଅନାବଶ୍ୟକ ଯେ ବ୍ୟାକରଣର ନିୟମମାନ ସଚେତନ ହୋଇ ଶିଖିବା କେବଳ ଏକ ପଥପ୍ରଦର୍ଶକ ଭଳି କାମ କରେ । ଯେତେବେଳେ ଜଣେ ଲୋକ ପାଖରେ ଚିନ୍ତା କରିବାକୁ ଓ ଏଗୁଡ଼ିକୁ ବ୍ୟବହାର କରିବାକୁ ସମୟ ଥାଏ ସେତେବେଳେ ସେ କ୍ରମାଗତ ଭାବେ କରୁଥିବା କାହାର ଶୁଦ୍ଧତା ଉପରେ ଆଲୋକପାତ କରିଥାଏ । ସାଧାରଣତଃ ଯେତେବେଳେ ଦୁଇ ଜଣ ବ୍ୟକ୍ତି କଥୋପ କଥନର ନିୟୋଜିତ ଥାଆନ୍ତି ସେଠାରେ ସଠିକତା ଠାରୁ ବାକଚାତୁରୀ ଅଧିକ ଗୁରୁତ୍ୱପୂର୍ଣ ବସ୍ତୁତ୍ୱ ଯଦି ଜଣେ ବ୍ୟକ୍ତି ତାର କଥାରେ ଜଣେ ପଥପ୍ରଦର୍ଶକର ବ୍ୟବହାର କରେ ତେବେ ଏହା ଅସ୍ୱାଭାବିକ ଦ୍ୱିଧାଗ୍ରସ୍ତ ଓ ଅମନଯୋଗୀ ହେବ । ତେବେ ଲେଖିବା ସମୟରେ ଓ ଲେଖିଥବା କଥାରେ ସଠିକତା ସଂପର୍କରେ ଭାବିବା ପାଇଁ ସମୟ ଥିବା ବେଳେ ପଥପ୍ରଦର୍ଶକର ଉପାଦେୟତା ରହିଛି ।

**ନିଜ ପ୍ରଗତିକୁ ପରଖି ଦେଖ -୫**

୧ . ସାଧାରଣତଃ କହିବାକୁ ଗଲେ ଦ୍ୱିତୀୟ ଭାଷାର ଆହରଣ ଆରମ୍ଭ ହୋଇଥାଏ ।

କ) ଅଭିବ୍ୟକ୍ତିରୁ        ଗ) ବୋଧଗମ୍ୟତାରୁ

ଖ) ସ୍ୱବିଶ୍ଳେଷଣରୁ        ଘ)ଠିକ / ଭୂଲର ତର୍ଜମାରୁ

୨. କେଉଁ ଭାଷାକୁ ଆପଣ ଅପଣଙ୍କର ଦ୍ୱିତୀୟ ଭାଷା ରୂପେ ବିଚାର କରନ୍ତି ?

.............................................................................................................

୩. ଆପଣଙ୍କ ବିଦ୍ୟାଳୟକୁ ଆସୁଥିବା ପିଲାମାନଙ୍କ ପାଇଁ କେଉଁ ଭାଷାଗୁଡ଼ିକ ଦ୍ୱିତୀୟଭାଷା ?

.............................................................................................................

୪. ଦ୍ୱିତୀୟଭାଷା ଆହରଣରେ ପିଲାମାନଙ୍କ ପାଇଁ କେଉଁ ଉପାଦାନ ଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ?

.............................................................................................................

### ୩.୩.୪ ଦ୍ୱିତୀୟ ଭାଷା ଶିକ୍ଷଣରେ ଆମର ପ୍ରଥମ ଭାଷା ବାଧା ଦିଏ କି ?

ଏବେ କିଛି ସମୟପାଇଁ ଏହା ଚିନ୍ତା କରାଯାଉଛି କି ପିଲାମାନେ ଦ୍ୱିତୀୟଭାଷା ଆହରଣ କରିବା ସମୟରେ ଅନେକ ତ୍ରୁଟି କରନ୍ତି ଯାହା ପ୍ରଥମ ଭାଷା – ଏହାର ବ୍ୟାକରଣ, ଶବ୍ଦଭଣ୍ଡାର ଓ ଧ୍ୱନୀ ଯୋଗୁଁ ହୋଇଥାଏ । ଆମେ ଏହାକୁ ପ୍ରଥମଭାଷା ଓଡ଼ିଆ ଓ ଦ୍ୱିତୀୟଭାଷା ଇଂରାଜୀ ପରିପ୍ରେକ୍ଷୀରେ ଆଲୋଚନା କରିବା ।



ଟିପ୍ପଣୀ

### ବ୍ୟାକରଣ

ବୋଧହୁଏ ଅଧିକ ସ୍ପଷ୍ଟ ପାର୍ଥକ୍ୟ ଓଡିଆ ଓ ଇଂରାଜୀ ବାକ୍ୟ ମଧ୍ୟରେ ହେଉଛି ଯେ - ଓଡିଆ ବାକ୍ୟ ଶେଷରେ କ୍ରିୟା ଥିବା ବେଳେ ଇଂରାଜୀ ବାକ୍ୟ ମଝିରେ କ୍ରିୟାପଦ ଥାଏ । ଉଦାହରଣ ସ୍ୱରୂପ ମୁଁ ସେଓ ଖାଉଛି (I am eating an apple)

ତେବେ ଓଡିଆ ଭାଷା କହୁଥିବା ପିଲା ଇଂରାଜୀ ଶିଖିବାରେ ଏହା ସମସ୍ୟା ସୃଷ୍ଟି କରେ ନାହିଁ । ଓଡିଆ କହୁଥିବା ପିଲାଟିଏ କେବେ (I an apple am eating) କହିବାର ଆମେ ଶୁଣିବୁ ଯେପରି ଓଡିଆ କହିବା ସମୟରେ କ୍ରିୟାପଦଟି ବାକ୍ୟଶେଷରେ ବ୍ୟବହାର ହୋଇଥାଏ ।

ଅନେକ ଗବେଷଣାରୁ ଏହା ସ୍ଥିରିକୃତ ଯେ ଦ୍ୱିତୀୟ ଭାଷାରେ ପିଲାଟି କରୁଥିବା ତ୍ରୁଟିଗୁଡିକ ପ୍ରଥମର ଭାଷାର ହସ୍ତକ୍ଷେପ ଯୋଗୁଁ ହୁଏନାହିଁ । ସେମାନଙ୍କର ପ୍ରଥମଭାଗ ଯାହାହେଉନା କାହିଁକି ସେମାନେ ଗୋଟିଏ ସ୍ୱାଭାବିକ ନିୟମ ଆଧାରରେ ଦ୍ୱିତୀୟ ଭାଷାର ନିୟମ ସବୁକୁ ଆହରଣ କରନ୍ତି । ପ୍ରଥମ ଭାଷାର କ୍ରମଭଳି ଏହା ସମାନ । ପ୍ରଥମ ଭାଷାରୂପେ ଇଂରାଜୀକୁ ଯେତେବେଳେ ଇଂରାଜୀ କହୁଥିବା ଲୋକମାନେ ଆହରଣ କରୁଥିଲେ ସେତେବେଳେ ସେମାନେ ତୃତୀୟ ପୁରୁଷ ଏକବଚନରେ ବ୍ୟବହାର ('s') ଓ ଅଧିକାର ସୂଚାଉଥିବା ('s')ବ୍ୟବହାରର ପୂର୍ବରୁ କାର୍ଯ୍ୟ ଚାଲୁରହିବା ସୂଚାଉଥିବା (ing)ର ବ୍ୟବହାର ଓ ବହୁବଚନ ପାଇଁ ('s')ର ବ୍ୟବହାର ଆହରଣ କରିସାରିଥିଲେ ।

ଗବେଷଣାଗୁଡିକ ମଧ୍ୟରୁ ଡାଉଲେ ଓ ବର୍ଟ (୧୯୭୪) ଙ୍କ ଦ୍ୱାରା ଚୀନ ଓ ସ୍ପେନ ବଂଶୋଦ୍ଭବ ଉପରେ କରିଥିବା ଗବେଷଣା ଅଧିକ ଗୁରୁତ୍ୱପୂର୍ଣ୍ଣ ଅଟେ ।

ବାକ୍ୟଗଠନ ଆହରଣ କରୁଥିବା ସମୟରେ ପିଲାମାନଙ୍କୁ ତ୍ରୁଟିରେ ଏକ ସ୍ୱାଭାବିକ କ୍ରମ ଦେଖାଯାଏ । ଉଦାହରଣ ସ୍ୱରୂପ ନାସ୍ତିବାଚକ ବାକ୍ୟରେ ଆହରଣ କ୍ଷେତ୍ରରେ ପିଲାମାନେ ନାସ୍ତିସୂଚକ ଟିକୁ ବାକ୍ୟ ଆରମ୍ଭରେ ଲେଖନ୍ତି ଇଂରାଜୀରେ

(Not like it now . Ravem (1974))

ପରବର୍ତ୍ତୀ ସ୍ତରରେ ସେମାନେ କ୍ରିୟାର ଆଗରେ ନାସ୍ତିସୁଚକକୁ ବ୍ୟବହାର କରନ୍ତି ।

(I no like this Cancino etal (1975))

ସାଧାରଣ ଦ୍ୱିତୀୟ ଭାଷା ଆହରଣ କରୁଥିବା ସମୟରେ ବିଭିନ୍ନ ଘରୋଇଭାଷାର ପିଲାମାନେ ସମାନ ପର୍ଯ୍ୟାୟ ନେଇ ଗତି କରନ୍ତି । କାରଣ ଏହି ଭାଷା ପ୍ରଥମ ଭାଷା ରୂପେ ଆହରଣ ହେଉଥିବା ସମୟରେ ସମାନ ପର୍ଯ୍ୟାୟ ଥାଏ । ତେଣୁ ଆମେ ସମସ୍ତେ ଏକ ସ୍ୱାଭାବିକ ଭାଷା ଆହରଣ ପ୍ରକ୍ରିୟାରେ ଗତି କରିଥାଉ ଓ ଏହି ତ୍ରୁଟି ଗୁଡିକ ପ୍ରଥମ ଭାଷାର ହସ୍ତକ୍ଷେପ ଯୋଗୁଁ ହୋଇନଥାଏ ।

### ଶବ୍ଦଭଣ୍ଡାର

ଯେକୌଣସି ଭାଷାର ଶବ୍ଦଭଣ୍ଡାର ସାମାଜିକ ଓ ସାଂସ୍କୃତିକ ପରିବେଶ ଦ୍ୱାରା ପ୍ରଭାବିତ ହୋଇଥାଏ ଯେଉଁଠାରେ ଏହା ସାଧାରଣତଃ କୁହାଯାଏ । ଉଦାହରଣ ସ୍ୱରୂପ ଇଂରାଜୀ କହୁଥିବା ଭାରତୀୟମାନେ ଅନ୍ୟ ଭାରତୀୟ ମାନଙ୍କ ସହ ଯୋଗାଯୋଗ ନିମିତ୍ତ ଭାରତୀୟ ପରିବେଶ ଆଧାରରେ ଇଂରାଜୀ ବ୍ୟବହାର କରନ୍ତି ।

ଟିପ୍ପଣୀ

ଉଦାହରଣ ସ୍ୱରୂପ (On Diwali a person goes to the temple and he is given prasad by the pujari. He buys a new kurta pajama for himself and new sari for his wife . They lighted diyas around their house and eat vartious sweets like jalbi, rasgullas etc.

• The newspaper was full of reports of dharanas and bands being organise all over India .

• The shamiiaanaa was beautifully decorated for the marriage

• The feraa and the kanyadana look place after one at night)

( Diwali - ହିନ୍ଦୁମାନଙ୍କର ଆଲୋକର ପର୍ବ । Prasad- ପୂଜାସ୍ଥଳ (ମନ୍ଦିର)ରେ ଦିଆଯାଉଥିବା ପବିତ୍ର ମିଷ୍ଟାନ୍ନ Pujari - ଜଣେ ହିନ୍ଦୁପୂଜକ Kurta pajama -ଏକ ଭାରତୀୟ ପୋଷାକ, Sari - ସ୍ତ୍ରୀଲୋକ ମାନେ ପିନ୍ଧୁଥିବା ଏକ ଭାରତୀୟ ପୋଷାକ, Diyas - ମାଟିରେ ତିଆରି ଏକ ଛୋଟ ପ୍ରଦୀପ । Jalebi, Rasgullas - ଭାରତୀୟ ମିଷ୍ଟାନ୍ନ । Shamiiaanaa ଅନେକ ଲୋକଙ୍କ ସମାବେଶକୁ ଆବାସ ଯୋଗାଇବା ପାଇଁ ଏକ ବଡ ତମ୍ବୁ । Feraa - ହିନ୍ଦୁ ବିବାହର ଏକ ପ୍ରଥା ଯେଉଁଥିରେ ବର ଓ କନ୍ୟା ଅଗ୍ନିର ଚାରିପାଖରେ ବୁଲନ୍ତି । Kanyadana - ହିନ୍ଦୁବିବାହର ଏକ ପ୍ରଥା ଯେଉଁଥିରେ କନ୍ୟାର ପିତା ବରକୁ କନ୍ୟା ଦାନ କରନ୍ତି ।

ବକ୍ର ଅକ୍ଷରରେ ଲିଖିତ ଶବ୍ଦଗୁଡିକ ଓଡିଆ / ହିନ୍ଦୀ ଶବ୍ଦ ଯାହା ଇଂରାଜୀ ବାକ୍ୟରେ କୌଣସି ପରିବର୍ତ୍ତନ କରାନଯାଇ ବ୍ୟବହାର ହୋଇଛି । ଭାରତୀୟ ବ୍ୟବହାରୀକାରୀଙ୍କ ଇଂରାଜୀ କହିବା ଉପରେ ସମାଜ ଓ ସଂସ୍କୃତିର ଏହା ପ୍ରଭାବ ଅଟେ । ଏହି ଶବ୍ଦଗୁଡିକ ଭାରତୀୟ ଜୀବନଧାରଣର ଶୈଳୀକୁ ପ୍ରକାଶିତ କରେ ଓ ଏହା ଅନ୍ୟକୌଣସି ପ୍ରକାର ଇଂରାଜୀ ଯଥା ବ୍ରିଟିଶ, ଆମେରିକା, ଅଷ୍ଟ୍ରେଲିଆ, ସିଙ୍ଗାପୁର, ଦକ୍ଷିଣ ଆଫ୍ରିକାରେ ଅନ୍ତର୍ଭୁକ୍ତ ନୁହେଁ । ତେଣୁ ପ୍ରତ୍ୟେକ ପ୍ରକାର ଇଂରାଜୀର କେତେକ ଅଂଶ ସଂସ୍କୃତି ଆଧାରିତ ହେବା ଅବଶ୍ୟମ୍ଭାବୀ ।

ଏକା ସମୟରେ ଇଂରାଜୀ ଯେତେବେଳେ ଭାରତରେ କୁହାଯାଏ, ଶବ୍ଦଗୁଡିକ ଭିନ୍ନଭାବେ ବ୍ୟବହାର ହୁଏ । ବ୍ରିଟିଶ ଆମେରିକା ଭଳି ତଥାକଥିତ ଇଂରାଜୀ ହେବା ଦେଶମାନଙ୍କରେ ( Uncle ) ଓ ( Aunt) ଭଳି ଶବ୍ଦ ପାରିବାରିକ ସମ୍ପର୍କ ଯଥା ( Mama, Masi, Bua, Fuufaa ) ଆଦିକୁ ସୂଚିତ କରିବା ପାଇଁ ବ୍ୟବହୃତ ହୁଏ । କିନ୍ତୁ ଯେତେବେଳେ ଭାରତୀୟ ମାନେ ଏହି ଶବ୍ଦକୁ ବ୍ୟବହାର କରନ୍ତି ସେମାନେ ମଧ୍ୟ ବଡମାନଙ୍କୁ, ପଡୋଶୀ ଦୋକାନୀ, ସାଙ୍ଗର ବାପା ମାଆଙ୍କୁ, ବସ ଡ୍ରାଇଭର ଇତ୍ୟାଦିଙ୍କୁ ସୂଚିତ କରିବା ପାଇଁ ବ୍ୟବହାର କରନ୍ତି । ଆମେ ମଧ୍ୟ ଶବ୍ଦ ସମୂହ ଯଥା ( Address of welcome ‘member of family’ ‘bunch of keys’, box of matches) ଗୁଡିକୁ ଛୋଟ କରି କହିଥାଉ ଯେପରି ( Welcome address, family members, key bunches, match box) । ସେହିପରି ଇଂରାଜୀ କହୁଥିବା ଦେଶମାନଙ୍କରେ ଇଂରାଜୀରେ ଭାରତୀୟ ଇଂରାଜୀ ( the word ‘post pone’ and ‘pre pone’) ସାମିଲ ଅଛି, ଯଦିଓ ଏହା ଏବେ ବିସ୍ତୃତ ଭାବେ ବୋଧଗମ୍ୟ ଓ ସର୍ବଦା ପସନ୍ଦ ଯୋଗ୍ୟ ହୋଇଛି । ( ‘Pin-drop silence’, Change of heart’ ‘Each and every day’)

ଭଳି ଭାରତୀୟ ଇଂରାଜୀରେ ବ୍ୟବହୃତ ଖଣ୍ଡବାକ୍ୟ ଇଂରାଜୀ କହୁଥିବା ଦେଶମାନଙ୍କ ରେ ଇଂରାଜୀରେ ଦେଖିବାକୁ ମିଳେନା ।

ଉଚ୍ଚପଦସ୍ଥ ବ୍ୟକ୍ତିବିଶେଷଙ୍କୁ ଗୁରୁତ୍ୱଦେବା ନିମିତ୍ତ ବିବିଧ ପ୍ରକାରର ସମ୍ବୋଧନ, ଗୁଣସୂଚକ ଓ ଖଣ୍ଡବାକ୍ୟମାନ ଔପଚାରିକ ଯୋଗାଯୋଗ ପାଇଁ ଭାରତୀୟ ଇଂରାଜୀରେ ବ୍ୟବହାର କରାଯାଏ ଯାହା ଅନ୍ୟ ଦେଶର ଇଂରାଜୀର ଅଂଶବିଶେଷ ନୁହେଁ । ଉଦାହରଣ ସ୍ୱରୂପ ନିମ୍ନ ଇଂରାଜୀ ଖଣ୍ଡବାକ୍ୟକୁ ନିଆଯାଇପାରେ । Respected sir, Draw your kind attention to , to bring to your kind notice.
ତେଣୁ ବିଭିନ୍ନ ଧାରଣା ଓ ପଦାର୍ଥ ଆଦି ପାଇଁ ଭାଷାର ଶବ୍ଦ ବ୍ୟବହାର କରିବା ପ୍ରାୟ ଜଣା ଯାହାର ଦ୍ୱିତୀୟ ଭାଷାରେ କୌଣସି ସମାସ୍କନ୍ଦ ନାହିଁ । ତେଣୁ ଦ୍ୱିତୀୟ ଭାଷାରେ ନୂଆ ଶବ୍ଦ ଓ ବାକ୍ୟଖଣ୍ଡକୁ ଯୋଡି କରିବା ଏକ ସ୍ୱାଭାବିକ ପ୍ରକ୍ରିୟା ଯେତେବେଳେ ଦୁଇଟି ଭିନ୍ନ ଭାଷା ଓ ସଂସ୍କୃତି ପରସ୍ପରର ସମ୍ପର୍କରେ ଆସନ୍ତି । ତେଣୁ ଏହାକୁ ହସ୍ତକ୍ଷେପ କୁହାଯାଇପାରିବ ନାହିଁ କାରଣ ଏହା ପ୍ରଥମ ଭାଷାରୁ ଦ୍ୱିତୀୟ ଭାଷାକୁ ଏକ ନାସ୍ତିବାଚକ ହସ୍ତାନ୍ତରର ସୂଚନା ଦିଏ ।

**ନିଜ ପ୍ରଗତିକୁ ପରଖିଦେଖ - ୬**

୧. କେଉଁଠାରେ ଆମେ (‘Pin-drop silence’, Change of heart’ ‘Each and every day’)ଖଣ୍ଡବାକ୍ୟର ପ୍ରୟୋଗ ଦେଖିବାକୁ ପାଉ ?

କ. ଦେଶୀୟ ଇଂରାଜୀ　　ଖ. ଭାରତୀୟ ଇଂରାଜୀ

ଗ. ଆମେରିକୀୟ ଇଂରାଜୀ　　ଘ. ଅଷ୍ଟ୍ରେଲୀୟ ଇଂରାଜୀ

୨. ହିନ୍ଦୀ / ଓଡିଆ ଓ ଇଂରାଜୀ ବାକ୍ୟ ମଧ୍ୟରେ କ’ଣ ମୁଖ୍ୟ ପାର୍ଥକ୍ୟ ରହିଛି ?

୩. “ଭାରତର ସାଂସ୍କୃତିକ ଓ ସାମାଜିକ ଦିଗଗୁଡିକ ଭାରତୀୟ ଇଂରାଜୀରେ ସ୍ପଷ୍ଟରୂପେ ପ୍ରତୀୟମାନ ।” ଏହି ଉକ୍ତିର ଯଥାର୍ଥତା ଉଦାହରଣ ଦେଇ ପ୍ରତିପାଦିତ କର ।

## ଧ୍ୱନୀ ତତ୍ତ୍ୱ

ପୃଥିବୀର ବିଭିନ୍ନ ଭାଗରେ କୁହା ଯାଉଥିବା ଇଂରାଜୀ ଏକା ପ୍ରକାର ଶୁଭେନାହିଁ । ବ୍ରିଟିଶ ଇଂରାଜୀ, ଆମେରିକାନ ଇଂରାଜୀ ଠାରୁ ବହୁତ ଭିନ୍ନ । ସେହିପରି ଅଷ୍ଟ୍ରେଲିଆନ ଇଂରାଜୀ ଉଭୟ ଆମେରିକାନ ଓ ବ୍ରିଟିଶ ଠାରୁ ଭିନ୍ନ । ଭାରତୀୟ ଇଂରାଜୀ ସମସ୍ତ ତିନୋଟି ଦେଶର ଇଂରାଜୀଠାରୁ ପୃଥକ ଶୁଭେ । ସେହିପରି ଦେଶର ଭିନ୍ନଭିନ୍ନ ଅଞ୍ଚଳରେ କହୁଥିବା ଭାଷାର ଶବ୍ଦଭଣ୍ଡାର ଓ ବ୍ୟାକରଣ ଭିନ୍ନତା ଏହାର କାରଣ ନୁହେଁ; କିନ୍ତୁ ଏହା ଆମର କାନକୁ ଭିନ୍ନ ଶୁଭେ । ଏହାର ବହୁତ କାରଣ ରହିଛି । ଏଥିମଧ୍ୟରୁ ଏଠାରେ ଗୋଟିଏ ଆଲୋଚନା ହୋଇଛି ।

ଆମେ ଶିଖିଥିବା ଦ୍ୱିତୀୟଭାଷାର ଧ୍ୱନୀ ପ୍ରଥମ ଭାଷାରେ ନଥାଇପାରେ । ଉଦାହରଣ ସ୍ୱରୂପ ଇଂରାଜୀ କହୁଥିବା ଦେଶର ଜଣେ ବକ୍ତା ଶବ୍ଦର ପ୍ରଥମ ଅକ୍ଷର ଉଚ୍ଚାରଣ ପାଇଁ ଦୁଇଟି ଭିନ୍ନ ଧ୍ୱନୀ ବ୍ୟବହାର କରେ ଯଥା (Van and Watch) କିନ୍ତୁ ହିନ୍ଦୀ କହୁଥିବା ଜଣେ ବକ୍ତା ଇଂରାଜୀ ଉଚ୍ଚାରଣରେ ଦୁଇଟି ଶବ୍ଦ ଉଚ୍ଚାରଣ ପାଇଁ ସେହି ଏକା (V) ଧ୍ୱନୀ ବ୍ୟବହାର କରେ । ସେହିପରି ହିନ୍ଦୀ କହୁଥିବା

ଲୋକଟି ସବୁବେଳେ (Treasure ବା Measure)ଶବ୍ଦକୁ (Treasure ଓ Meazure ) କହିବେ କାରଣ ସେମାନଙ୍କ ପାଇଁ ('Z')ର ସମାନ ଧ୍ୱନୀ ଏହି ଦୁଇଟି ଶବ୍ଦରେ ନାହିଁ ।

ସେହିପରି ଇଂରାଜୀ କହୁଥିବା ବକ୍ତାଟିଏ ଯେତେବେଳେ ହିନ୍ଦୀ କହିବା ଶିଖନ୍ତି ସେତେବେଳେ ସେମାନଙ୍କ କ୍ଷେତ୍ରରେ ଏହା ବି ସତ୍ୟ ଅଟେ । ସେମାନଙ୍କ ପାଇଁ (Khargosh ghar, Chhatri, Jharna, the laa, phuul, bhalu) ଆଦି ଶବ୍ଦ କହିବା ଅତି କଷ୍ଟକର । ସେମାନେ ଏହି ଶବ୍ଦଗୁଡ଼ିକୁ ଯଥାକ୍ରମେ ଏପରି ଉଚ୍ଚାରଣ କରିବେ (kargosh, gar, chatrii, jarnna, telaa, puul, baaluu) ଏହାର କାରଣ(kh, gh, ch, jh, th pb and bh) ଧ୍ୱନୀ ଇଂରାଜୀରେ ନାହିଁ । ସେହିପରି ତ(T), ଥ(Th), ଦ(D), ଧ(Dh)ରେ ଆରମ୍ଭ ହେଉଥିବା ଶବ୍ଦଗୁଡ଼ିକ ପାଇଁ ମଧ୍ୟ ସେହି ଏକ ସମସ୍ୟା ଦେଖାଯାଏ କାରଣ ଇଂରାଜୀରେ ଏହି ଧ୍ୱନୀଗୁଡ଼ିକ ମିଳେ ନାହିଁ ।

ଖରଗୋଜ (Khargosh-rabbit), ଘର (Ghar- House) ଛତା (Chhatri- Umbrella) ଝରଣା (Jharana-Stream) ଥଳୀ(Thela- Bag) ଫୁଲ (Phul-Flower) ଭାଲୁ (Bhalu- Bear) ତେଣୁ ଧ୍ୱନୀତତ୍ତ୍ୱ ହେଉଛି ଏକ ପରିସର ଯେଉଁଠି ଆମେ ସ୍ପଷ୍ଟଭାବେ ପ୍ରଥମ ଭାଷାର ହସ୍ତକ୍ଷେପକୁ ଦେଖିପାରିବା । ଭାଷାର ଧ୍ୱନୀକୁ ଆୟତ କରିବାର ସାମର୍ଥ୍ୟ ଶିକ୍ଷାର୍ଥୀର ବୟସ ଦ୍ୱାରା ପ୍ରଭାବିତ ହୋଇଥାଏ । ସମୟକ୍ରମେ ଆମର ପାଟି ହାଡ (ମାଢ଼ି) ଦୃଢ ହୋଇଯାଏ ଓ କେତେକ ନିର୍ଦ୍ଦିଷ୍ଟ ଧ୍ୱନୀ ପ୍ରକାଶ କରିବା ଆମ ପାଇଁ କଷ୍ଟକର ହୁଏ । ଏକ ନିର୍ଦ୍ଦିଷ୍ଟ ବୟସ ପରେ ଆମ ମସ୍ତିଷ୍କର ନୂତନ ଧ୍ୱନୀ ବୁଝିବାର କ୍ଷମତା କମିଯାଏ । ପିଲାମାନେ ଯୌବନାବସ୍ଥା ପ୍ରାପ୍ତି ପର୍ଯ୍ୟନ୍ତ ଦ୍ୱିତୀୟ ଭାଷାର ଧ୍ୱନୀ ଗ୍ରହଣ କରନ୍ତି ଯେଉଁ ସମୟରେ ମସ୍ତିଷ୍କର ବାମ ଅର୍ଦ୍ଧଗୋଲକରେ ଭାଷା ବିଶେଷ ରୂପ ନେଇଥାଏ । ବସ୍ତୁତଃ, ଆପଣ ଯଦି ତିନି ଚାରିବର୍ଷର ଭାରତୀୟ ପିଲାକୁ ଆମେରିକା ବା ବ୍ରିଟେନ ଭଳି ଇଂରାଜୀ କହୁଥିବା ଦେଶରେ ରଖିବେ ଓ ଇଂରାଜୀ କହୁଥିବା ପିଲାଙ୍କ ସହ କ୍ରିୟା ପ୍ରତିକ୍ରିୟା କରିବାର ସୁଯୋଗ ଦେବେ ତେବେ ପିଲାଟି କମ ମାସ ସମୟ ମଧ୍ୟରେ ଆମେରିକାନ ବା ବ୍ରିଟିଶ ପିଲାଙ୍କ ଭଳି ଧ୍ୱନୀ ଉଚ୍ଚାରଣ କରିବେ ।

**ନିଜ ପ୍ରଗତିକୁ ପରଖି ଦେଖ -୭**

୧. ଇଂରାଜୀ କହୁଥିବା ଦେଶର ପିଲାଟିକୁ 'ଖରଗୋଜ'(Khargosh) କହିବା କାହିଁକି କଷ୍ଟକର ହୋଇଥାଏ ?

 କ. ଏହି ଶବ୍ଦଟି ଇଂରାଜୀରେ ନାହିଁ

ଖ. ଖ(kh) ଧ୍ୱନୀ ଇଂରାଜୀରେ ନାହିଁ

ଗ. ହିନ୍ଦୀ କହିବାକୁ ଚାହେଁ ନାହିଁ

ଘ. ଶିଖିବାକୁ ଚେଷ୍ଟା କରେ ନାହିଁ

୨.ଏକ ନିର୍ଦ୍ଦିଷ୍ଟ ବୟସ ପରେ ଆମ ପରିବେଶରେ ମିଳୁନଥିବା ଧ୍ୱନୀକୁ କହିବା ଆମପାଇଁ କାହିଁକି କଷ୍ଟକର ହୁଏ ?

୩.ବ୍ରିଟେନ ବା ଆମେରିକାର କୌଣସି ଟେଲିଭିଜନ ଚାନେଲ ବା ରେଡିଓ ଷ୍ଟେସନକୁ ଶୁଣନ୍ତି । ଏହି ଚାନେଲରେ ଶୁଣୁଥିବା ଧ୍ୱନୀ ଭାରତୀୟ ଚାନେଲରେ କୁହାଯାଉଥିବା ଇଂରାଜୀ ଧ୍ୱନୀ ସହିତ ସମାନ କି ? ଆଞ୍ଚଳିକ ଚାନେଲ ଯଥା ବେଙ୍ଗଲୀ ବା ଓଡିଆ ବା ପଞ୍ଜାବୀ ଭଳି ଚାନେଲରେ କୁହାଯାଉଥିବା ହିନ୍ଦୀ

ଟିପ୍ପଣୀ

କୌଣସି ଏକ ଜାତୀୟ ସ୍ତରର ହିନ୍ଦୀ ଚାନେଲ ଯାହାର ଦେଶ ବ୍ୟାପୀ ଦର୍ଶକ ଅଛନ୍ତି ତାହା ସହ ସେହିପରି ତୁଳନା କରନ୍ତୁ । ଏହି ଆଞ୍ଚଳିକ ଚାନେଲ ଗୁଡିକରେ କୁହାଯାଉଥିବା ହିନ୍ଦୀ ସମାନ କି ?

## ୩.୪ ଭାଷା ଶିକ୍ଷାଦାନ ପଦ୍ଧତି

ଭାଷା ଶିକ୍ଷାଦାନ ପଦ୍ଧତି ପ୍ରଚଳିତ ବିବିଧ ସାମାଜିକ, ରାଜନୈତିକ ଓ ମନସ୍ତାତ୍ତ୍ୱିକ ଉପାଦାନ ଦ୍ୱାରା ପ୍ରଭାବିତ ହୋଇଛି । ଏଗୁଡିକ ମଧ୍ୟରୁ ଗୋଟିଏ ନିର୍ଦ୍ଦିଷ୍ଟ ସମୟରେ ସମାଜର ଆବଶ୍ୟକ ଭାଷା କ'ଣ ସେ ସମ୍ପର୍କୀତ ବୋଧଗମ୍ୟତା, ଏବଂ ପିଲାମାନେ ଶିଖନ୍ତି କିପରି ସମ୍ପର୍କିତ ବୋଧଗମ୍ୟତା ଗୁରୁତ୍ୱପୂର୍ଣ୍ଣ ଅଟେ ।

### ୩.୪.୧ ବ୍ୟାକରଣ ଅନୁବାଦ ପଦ୍ଧତ(Translation Grammer Method)

ଭାଷା ଶିକ୍ଷାଦାନର ଏହା ହେଉଛି ସବୁଠାରୁ ପୁରୁଣା ପଦ୍ଧତି ଓ ସାଧାରଣ ଭାବେ ଏବେ ବି ବ୍ୟବହାର ହେଉଛି । ନିର୍ଦ୍ଧାରିତ ଭାଷାର ସାହିତ୍ୟ ପଢିବା ଓ ଲେଖିବାରେ ନିପୁଣତାର ବିକାଶ କରିବା ଏହି ପଦ୍ଧତିର ମୁଖ୍ୟ ଉଦ୍ଦେଶ୍ୟ ଅଟେ । ଶିକ୍ଷାର୍ଥୀମାନଙ୍କୁ ବ୍ୟାକରଣର ନିୟମ ଓ ଶବ୍ଦ ତାଲିକାକୁ ଘୋଷି ମନେ ରଖିବାକୁ ପଡେ । ଏଥିସହ ମୂଳ ଭାଷାର ନିର୍ଦ୍ଧାରିତ ଭାଷାକୁ ଓ ଏହି ଭାଷାରୁ ମୂଳଭାଷାକୁ ଶିକ୍ଷକଙ୍କ ସହାୟତାରେ କରିବାକୁ ହୋଇଥାଏ । ସବୁଠାରୁ ବଡ ଦୁର୍ବଳତା ଏହି ପଦ୍ଧତିର ଏହା ଯେ ଶିକ୍ଷାର୍ଥୀମାନେ ଭାଷା ଶୁଣିବା ଓ କହିବାରେ ନିପୁଣତା ହାସଲ କରିପାରନ୍ତି ନାହିଁ ।

ଏହି ପଦ୍ଧତି ପରେ ଯେଉଁ ପଦ୍ଧତି ସାଧାରଣ ଭାବରେ ବ୍ୟବହାର ପାଇଁ ଆସିଲା ତାହା ଶ୍ରବଣ ଓ କଥନ ଉପରେ ଅଧିକ ଧ୍ୟାନ ଦେଲା । ଏହି ପଦ୍ଧତି ଗୁଡିକ ହେଲା (Direct Method and Audio Lingual Method) । ବ୍ୟାକରଣ -ଅନୁବାଦ ପଦ୍ଧତିର (Grammer Translation Method) ଜବାବରେ ଯେ ଏହି ପଦ୍ଧତିଗୁଡିକ ଯେ କେବଳ ଶ୍ରବଣ କଥନ ଉପରେ ଅଧିକ ଧ୍ୟାନ ଦେବା ପାଇଁ ବିକଶିତ ହୋଇଛି ତାହା ନୁହେଁ ବରଂ କଥନ ହିଁ ଭାଷାର ମୂଳ ଆଧାର ଓ ଅଳ୍ପ କେତେକ ଭାଷାର ଲିଖିତ ରୂପ ଅଛି ଏହି କଥାର ଏକ ପ୍ରତିଧ୍ୱନୀ ଅଟେ । ଏହା ସେତେବେଳର ସମୟ ଥିଲା ଯେତେବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଅନେକ ଅନୁବାଦକାରୀ, ଗୁପ୍ତଚର ଓ ସଙ୍କେତ ଗୃହ ସହକାରୀଙ୍କୁ ସୃଷ୍ଟି କରିଥିଲ ଯେଉଁମାନେକି ଅନେକ ଭାଷାରେ ବାକ୍‌ପଟୁ ଥିଲେ । ତେଣୁ ଏହି ପଦ୍ଧତି ଶ୍ରବଣ ଓ କଥନ ଉପରେ ଜୋର ଦେଇଥାଏ । (Audio Lingual Method)ରେ କଥୋପକଥନ ଶିକ୍ଷାଦାନର ପ୍ରାରମ୍ଭିକ ଏକକ ହୋଇଥାଏ ।

ଗୀତା : ମୋ ନାମ ଗୀତା । ତୁମ ନାମ କ'ଣ ?

କମଳ: ମୋ ନାମ କମଳ । ଗୀତା, ତୁମେ କେଉଁଠାରେ ବାସ କର ?

ଗୀତା : ମୁଁ ଅଶୋକ ବିହାରରେ ବାସକରେ । ତୁମେ କେଉଁଠାରେ ବାସ କର ?

କମଳ : ମୁଁ ରାଜେନ୍ଦ୍ର ନଗରରେ ବାସକରେ ।

ଟିପ୍ପଣୀ

ଏବେ ଆମେ ଭାଷା ଶିକ୍ଷାଦାନର ଆଧୁନିକ ପଦ୍ଧତି ବିଷୟରେ କହିପାରିବା । ଯଥା ଯୋଗାଯୋଗ ପଦ୍ଧତି (Communication Method) ଓ ସ୍ୱାଭାବିକ ପନ୍ଥା (Natural Approach)

## ୩.୪.୪ ଯୋଗାଯୋଗ ପଦ୍ଧତି (Communicative Method)

ଭାଷାତତ୍ତ୍ୱରେ କରାଯାଇଥିବା ବହୁବିଧ ଗବେଷଣା ଦ୍ୱାରା ଯୋଗାଯୋଗ ପଦ୍ଧତି (Communicative Method) ପ୍ରଭାବିତ ହୋଇଥାଏ । ସାମାଜିକ ଭାଷାତତ୍ତ୍ୱ ଏହା ସ୍ପଷ୍ଟ କରିଥାଏ ଯେ ଭାଷା ଆହରଣ କେବଳ ଭାଷା ଗଠନ ଶିଖିବାକୁ ବୁଝାଏ ନାହିଁ ବରଂ ଏହା ସହ ପ୍ରାସଙ୍ଗିକ ଭାବେ ଭାଷାର ଉପଯୁକ୍ତ ବ୍ୟବହାର ଉପରେ ଗୁରୁତ୍ୱ ଆରୋପ କରେ । ଏହା ସ୍ୱାଭାବିକ ଯେ ଏହି ଧାରଣା ଦ୍ୱାରା ପ୍ରଭାବିତ ହୋଇଥିବା ଭାଷା ଶିକ୍ଷାଦାନ ପଦ୍ଧତି ଭାଷା ଶିକ୍ଷାଦାନର ଆଧାରଭାବେ ପ୍ରସଙ୍ଗଭିତ୍ତିକ ଯୋଗାଯୋଗକୁ ଗ୍ରହଣ କରିଥାଏ । ଏହି ପଦ୍ଧତି ବ୍ୟବହାର କରି ଶିକ୍ଷାଦାନ ଦେଲେ ପ୍ରସଙ୍ଗଗୁଡିକ ଏହିପରି ଦେଖାଯିବେ ଯଥା: ରେଳ ଷ୍ଟେସନ (At Railway station), ଡାକ୍ତରଙ୍କ ସହ (With Doctor), କାର୍ଯ୍ୟରେ (In a job) ଇତ୍ୟାଦି ।

## ୩.୪.୫ ସ୍ୱାଭାବିକ ପନ୍ଥା (Natural Approach)

ଭାଷା ଶିକ୍ଷାଦାନରେ ଶିକ୍ଷକ ବା ଶିକ୍ଷାଦାନ ଉପକରଣ ଉପରେ ଗୁରୁତ୍ୱ ନଦେଇ ଶିକ୍ଷାର୍ଥୀ ଉପରେ ଗୁରୁତ୍ୱ ଦେବା ଏହି ପଦ୍ଧତି ସୂଚିତ କରିଥାଏ । ଭାଷାତ ତ୍ତ୍ୱର ଗବେଷଣା ମଧ୍ୟ ଏହାକୁ ପ୍ରଭାବିତ କରିଥାଏ । ଏହି ଗବେଷଣାରୁ ଏହା ସ୍ପଷ୍ଟ ହୋଇଥାଏ ଯେ ଭାଷା ଆହରଣ ପ୍ରକ୍ରିୟାରେ ତ୍ରୁଟି କରିବା ଏକ ଅତ୍ୟାବଶ୍ୟକ ସୋପାନ ।  ଏହି ତ୍ରୁଟିଗୁଡିକର ବିଶ୍ଳେଷଣ ସୂଚିତ କରେ ଯେ ଏଗୁଡିକ ଶିକ୍ଷାର୍ଥୀ ଜ୍ଞାନ ଓ ଶିକ୍ଷଣ ପ୍ରକ୍ରିୟାର ସୂଚକ ।

ଏହି ଗବେଷଣାଗୁଡିକ ଏହା ମଧ୍ୟ ପ୍ରମାଣ କରନ୍ତି ଭାଷା ଆହରଣ କରିବାକୁ ଶିକ୍ଷାର୍ଥୀର ଜନ୍ମରୁ ଅନ୍ତର୍ନିହିତ ସାମର୍ଥ୍ୟ ରହିଛି । ଏପରିକି ଏକ ଚାରିବର୍ଷର ପିଲା ବିଦ୍ୟାଳୟକୁ ଆସିବା ପୂର୍ବରୁ  ସେ କହୁଥିବା ଭାଷାର ନିୟମ ଗୁଡିକୁ ମନେରଖିଥାଏ ଓ କହିବା ସମୟରେ ତ୍ରୁଟି କରେ ନାହିଁ । ତେଣୁ ସ୍ୱାଭାବିକ ପନ୍ଥା ଭାଷା ଶିକ୍ଷଣ ନିମିତ୍ତ ଶିକ୍ଷାର୍ଥୀ ଉପଯୁକ୍ତ ପରିବେଶ ଦେବା ଉପରେ ଗୁରୁତ୍ୱ ଆରୋପକରିବା ସହ ତା ସ୍ତରର ଆଗ୍ରହ ଉଦ୍ଦୀପକ ଓ ଆହ୍ୱାନମୂଳକ ଶିକ୍ଷାଦାନ-ଶିକ୍ଷଣ ଉପକରଣ ଯୋଗାଇ ଦେବାକୁ ମଧ୍ୟ ଗୁରୁତ୍ୱ ନେଇଥାଏ ।

**ନିଜ ପ୍ରଗତିକୁ ପରଖି ଦେଖ - ୮**

୧. ପ୍ରତ୍ୟେକ୍ଷ ପଦ୍ଧତି (Direct Method) ର କ'ଣ ଗୁରୁତ୍ୱ ରହିଛି

କ. ଅନୁବାଦ (Translation)

ଖ. ଭାଷାର ପ୍ରାସଙ୍ଗିକ ବ୍ୟବହାର

ଗ. କଥନରେ ଶୁଦ୍ଧତା

୨.କେଉଁଟି ସବୁଠାରୁ ପୁରୁଣା ଭାଷା ଶିକ୍ଷାଦାନ ପଦ୍ଧତି ଅଟେ ? ଏହାର ଦୋଷ ଦୁର୍ବଳତା ଗୁଡିକ କ'ଣ ?

୩. ବର୍ତ୍ତମାନ କେଉଁ ଭାଷା ଶିକ୍ଷାଦାନ ପଦ୍ଧତି ସାଧାରଣ ଭାବେ ବ୍ୟବହାର କରାଯାଇଛି ଓ କାହିଁକି ?





୪. (Audio Lingual Method)ମାଧ୍ୟମରେ ଭାଷା ଶିକ୍ଷାଦାନ ନିମିତ୍ତଏକ ଆଗ୍ରହ ଉଦ୍ଦୀପକକଥୋପକଥନ ପ୍ରସ୍ତୁତ କରନ୍ତୁ ।

## ୩.୫ ସାରାଂଶ

• କୌଣସି ବିସ୍ତୃତ ଶିକ୍ଷାଦାନ ବିନା ପିଲାମାନେ ପ୍ରଥମଭାଷାକୁ ସେମାନଙ୍କ ପରିବେଶରୁ ଶିଖନ୍ତି ଯଥା ବିଦ୍ୟାଳକୁ ନ ଯାଇ ଓ ବହିସବୁ ନପଢ ।

• ଭାଷା ଆହରଣ ପାଇଁ ପିଲାମାନଙ୍କର ଅନ୍ତର୍ନିହିତ ସାମର୍ଥ୍ୟ ରହିଛି । ସେମାନଙ୍କ ପରିବେଶରେ ଉପଲବ୍ଧ ଏକାଧିକ ଭାଷାକୁ ସେମାନେ ନିପୁଣତାର ସହ ଆହରଣ କରନ୍ତି । ତେଣୁ ବୟସ୍କମାନଙ୍କୁ କେବଳ ଅନୁକରଣ କରି ପିଲାମାନେ ଭାଷା ଶିଖନ୍ତି ନାହିଁ ।

• ୨ ରୁ ୧୪ ବର୍ଷମଧ୍ୟରେ ପିଲାମାନେ ସ୍ୱାଭାବିକ ଭାବେ ଭାଷା ଆହରଣ କରନ୍ତି । ତେଣୁ ଏହି ସମୟକୁ ଭାଷା ଶିକ୍ଷଣର ଜଟିଳ ସମୟବୋଲି ସୂଚିତ କରାଯାଏ । ଏହି ସମୟପରେ ସ୍ୱାଭାବିକ ଭାବେ ଭାଷା ଶିଖିବା କଷ୍ଟକର ହୋଇଥାଏ । ବିଶେଷତଃ ଜଣେ ପେଶାଧାରୀ ବକ୍ତା ଭାବେ ଉଚ୍ଚାରଣ ଉପରେ ଯଦି ଆମର ଧ୍ୟାନ ରୁହେ । ବ୍ୟାକରଣ ଓ ଶବ୍ଦଭଣ୍ଡାର ଯେକୌଣସି ବୟସରେ ଶିଖିହେବ ଯଦି ପର୍ଯ୍ୟାପ୍ତ ସୁଯୋଗ ମିଳେ ।

• ମନୁଷ୍ୟର ବାମ ଅର୍ଦ୍ଧଗୋଲକର ବ୍ରୋକାସ ଅଞ୍ଚଳ (Broca's Area) ଓ ରେନିକ୍ସ ଅଞ୍ଚ (Wrenicke's Area) ଭାଷା ସମ୍ପର୍କିତ କାର୍ଯ୍ୟଗୁଡିକ ପାଇଁ ଦାୟୀ । ଏହି ଅଞ୍ଚଳଗୁଡିକ ମଧ ଯଥାକ୍ରମେ କଥନ ପ୍ରସ୍ତୁତି ଓ ଏହାର ବୋଧଗମ୍ୟତା ପାଇଁ ଦାୟୀ । ଏହି ଅଞ୍ଚଳର କୌଣସି କ୍ଷତି ହେଲେ ଭାଷା ଆହରଣ ପ୍ରଭାବିତ ହୋଇଥାଏ ।

• ଭାଷା ଆହରଣ ସମୟରେ ପିଲାମାନେ ବିଭିନ୍ନ ପର୍ଯ୍ୟାୟ ଦେଇ ଗତି କରନ୍ତି ଯଥା କୁକୁ କରିବା, ଅସ୍ପଷ୍ଟ ଧ୍ୱନୀ କରିବା , ଏକ ଶବ୍ଦ ପର୍ଯ୍ୟାୟ , ଦୁଇ ଶବ୍ଦ ପର୍ଯ୍ୟାୟ ଇତ୍ୟାଦି ।

• ଦ୍ୱିତୀୟ ଭାଷା ଶିକ୍ଷଣରେ ବିସ୍ତୃତ ଶିକ୍ଷାଦାନର ଗୁରୁତ୍ୱ ରହିଛି । ତେବେ ପ୍ରଥମ ଭାଷା ଭଳି ଆମେ ଦ୍ୱିତୀୟ ଭାଷା ଶିଖିପାରିବା ଯଦି ପିଲାଟି ଭାଷା ଆହରଣର ଜଟିଳ ସମୟ ମଧ୍ୟରେ ଭାଷା ସମୃଦ୍ଧ ପରିବେଶର ସୁଯୋଗ ପାଏ ।

• ବୋଧଗମ୍ୟ ନିବେଶ ଏକ ଓ ସ୍ୱାଭାବିକ ଏବଂ ଯୋଗାଯୋଗ ପ୍ରିୟ ପରିବେଶ ଦ୍ୱିତୀୟ ଭାଷା ଆହରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି ।

• ଦ୍ୱିତୀୟଭାଷା ଶିକ୍ଷଣରେ ପ୍ରାସଙ୍ଗିକ ଅର୍ଥ ସହ ବ୍ୟାକରଣ ଉପରେ ଧ୍ୟାନ ଅଧିକ ପରିମାଣରେ ସାହାଯ୍ୟ କରେ ।

• ସମୟ ସହିତ ଦ୍ୱିତୀୟ ଭାଷା ଶିକ୍ଷଣ ଓ ବାକ୍‌ପଟୁତା ବୃଦ୍ଧି ଘଟିଥାଏ

• ଭାଷା ଶିକ୍ଷଣ ପ୍ରତି ଶିକ୍ଷାର୍ଥୀମାନଙ୍କ ଅଭିପ୍ରେରଣ, ଆତ୍ମପ୍ରତ୍ୟୟ, ଉତ୍ସୁକତା ଓ ମାନସିକତା ଭାଷାଶିକ୍ଷଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।

## ୩.୬ ସହାୟକ ଗ୍ରନ୍ଥ ଓ ପ୍ରବନ୍ଧସୂଚୀ


Aitchison, J. (1979). The articulate mammal: An introduction to psycholinguistics.
London: Hutchinson & Co.

Aitchison, J. (2003). Teach yourself linguistics. United Kingdom: Hodder & Stoughton Ltd

Agnihori, R.K. (2007). Towards a pedagogical paradigm rooted in multilinguality.
International Multilingual Research Journal 1.2: 1-10.

Agnihori, R.K & Khanna, A.L. (eds.)(1994).Second language acquisition. New Delhi: Sage Publications.

Cook,V. (2008). Second language learning and language teaching. United Kingdom: Hodder Education

Krashen,S. (1982). Principles and practice in second language acquisition. Pergamon Press Inc.

McGregor, W. (2009). Linguistics: An introduction. London: Continuum International Publishing Group.

Richards, J.C & Rodgers, T.S. (1995). Approaches and methods in language teaching. United Kingdom: Cambridge University Press.

Yule,G. (2006). The study of langauge. India : Cambridge University Press.


## ୩.୭ ପାଠାନ୍ତ ପ୍ରଶ୍ନାବଳୀ

୧. ଭାଷା ଶିକ୍ଷଣ ଓ ଭାଷା ଆହରଣ ମଧ୍ୟରେ କ'ଣ ପାର୍ଥକ୍ୟ ଓ ସାମଞ୍ଜସ୍ୟ ରହିଛି ଉଲ୍ଲେଖ କର ?

୨. ପ୍ରଥମ ଭାଷା ଆହରଣ କ୍ଷେତ୍ରରେ ସମୃଦ୍ଧ ଭାଷା ପରିବେଶର ଭୂମିକା ଚିନ୍ତା କରି ଉଲ୍ଲେଖ କର ।

୩ ମାନବ ଶରୀରର ଜୈବିକ ଅନୁକୂଳନ ଭାଷା ଶିକ୍ଷଣରେ କିପରି ସାହାର୍ଯ୍ୟ କରେ ?

୪. "ଅନୁକରଣ ମାଧ୍ୟମରେ ପିଲାମାନେ ଭାଷା ଶିଖନ୍ତି ନାହିଁ " ଏକ ବାର୍ତ୍ତାଳପର ଉଦାହରଣ ମାଧ୍ୟମରେ ବୁଝାଅ ।

୫. ଭାଷା ଆହରଣରେ ନିର୍ଣ୍ଣାୟକ ସମୟର ଗୁରୁତ୍ୱ କ'ଣ ରହିଛି ବୁଝାଅ ?

୬. ଟେଲିଗ୍ରାଫିକ ବାର୍ତ୍ତା ଓ ହୋଲୋଫେଜିକ ବାର୍ତ୍ତା ମଧ୍ୟରେ କ'ଣ ପାର୍ଥକ୍ୟ ରହିଛି ସୂଚିତ କର ?